ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ୨୬ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ଭୀମକୁଣ୍ଡରେ ଭାସିଯାଇ ପର୍ଯ୍ୟଟକ ନିଖୋଜ

ପାଟଣା/ଠାକୁରମୁଣ୍ଡା, ୨୫।୧୨ (ସ୍ୱ.ପ୍ର./ ଡି.ଏନ.ଏ.): କେନ୍ଦୁଝର ଜିଲା ପାଟଣା ବ୍ଲକ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ (ପ୍ରଥମକୁଣ୍ଡ)ରେ ବୁଧବାର ଅପରାହ୍ନରେ ଜଣେ ପର୍ଯ୍ୟଟକ ଗାଧୋଉଥିବା ବେଳେ ଭାସିଯାଇ ନିଖୋଜ ହୋଇଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ତେବେ ନିଖୋଜ ବ୍ୟକ୍ତି ଜଣଙ୍କ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ। ସୂଚନା ଅନୁଯାୟୀ, ଭୀମକୁଣ୍ଡକୁ ପ୍ରତିଦିନ ବଣଭୋଜି କରିବାକୁ ବିଭିନ୍ନ ସ୍ଥାନରୁ ଲୋକମାନେ ଆସୁଥିବାବେଳେ ବୁଧବାର ବଡ଼ଦିନ ଅବସରରେ ଭୀମକୁଣ୍ଡର ଉଭୟ ପାର୍ଶ୍ୱରେ ଥିବା କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଅଞ୍ଚଳରେ ବଣଭୋଜି ପାଇଁ ଲୋକମାନଙ୍କ ଭିଡ ଜମିଥିଲା। ଅପରାହ୍ନ ପ୍ରାୟ ୩ଟା ସମୟରେ କେନ୍ଦୁଝର ସୀମାନ୍ତ ଅଞ୍ଚଳରୁ ବଣ ଭୋଜି କରିବାକୁ ଆସିଥିବା କେତେକ ଯୁବକ ସ୍ନାନକୁଣ୍ଡରେ ଗାଧୋଉଥିଲେ। ତାଙ୍କ ମଧ୍ୟରୁ ଜଣଙ୍କର ଗୋଡ଼ ଖସିଯିବାରୁ ପାଣିର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଖବର ଲେଖା ହେବା ସୁଦ୍ଧା ଯୁବକଙ୍କର କୌଣସି ପତ୍ତା ମିଳିନାହିଁ। ପ୍ରତ୍ୟେକ ବର୍ଷ ଭୀମକୁଣ୍ଡରେ ଭାସି ପର୍ଯ୍ୟଟକଙ୍କ ଜୀବନ ହାନି ଘଟୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

### ରୋଷେଇ ଗ୍ୟାସ ଟାଙ୍କି ଫାଟି ଅଗ୍ନିକାଣ୍ଡ

ରୂପ୍‌ସା,୨୫।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ନିମା ଗ୍ରାମର କୈଳାସ ଚନ୍ଦ୍ର ବେହେରାଙ୍କ ରୋଷେଇ ଘରେ ମଙ୍ଗଳବାର ରାତିରେ ଗ୍ୟାସ ଟାଙ୍କି ଫାଟିବାରୁ ଅଗ୍ନିକାଣ୍ଡ ଘଟି ଘର ପୋଡିଯାଇଛି। ବହୁ ଆସବାବପତ୍ର ନିଆଁରେ ପୋଡି ଯାଇଥିବା ବେଳେ ଘର କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ପରିବାର ଲୋକେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ବସ୍ତା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଲାଞ୍ଚ ମାମଲା ଲାଇନମ୍ୟାନ, ହେଲପର ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ/ ଭଞ୍ଜନଗର (ଡି.ଏନ୍.ଏ.)୨୫।୧୨-ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ ମହାନ୍ତି ମଙ୍ଗଳବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଭଞ୍ଜନଗର ବିଦ୍ୟୁତ୍ ସର୍କଲ ଅଧୀନ ବେଲଗୁଣ୍ଠା ଇଲେକ୍ଟ୍ରିକ୍ ଡିଭିଜନର ତତ୍କାଳୀନ ଲାଇନ୍‌ମ୍ୟାନ ବିନୋଦ କୁମାର ସାହୁ ଏବଂ ହେଲପର କେ.ରୋହିତ କୁମାର ରେଡ୍ଡୀ। ପ୍ରକାଶ ଯେ, ବେଲଗୁଣ୍ଠାର ଦଣ୍ଡପାଣି ମହାରଣା ତାଙ୍କ ନୂତନ ଗୃହକୁ ବିଦ୍ୟୁତ ସଂଯୋଗ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ୨୦୧୪ ମାର୍ଚ୍ଚ ୨୨ରେ ଉପରୋକ୍ତ ୨ଅଭିଯୁକ୍ତ ଗୃହକର୍ତ୍ତାଙ୍କଠାରୁ ୪୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ଧରା ପଡିଥିଲେ। ମାମଲା ନଂ.୦୫/୧୪ ରେ ଉଭୟଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ସୋମନାଥ ବାରିକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ।



ଚଇତି ପାଇଁ ହୋଇଥିବା ମୁଖ୍ୟ ଗେଟ୍।



ଚଇତି ପର୍ବ ପାଇଁ ମଞ୍ଚ ପ୍ରସ୍ତୁତ।

# ଆଜିଠୁ ଲୋକପର୍ବ ଚଇତି

■ପ୍ରମୁଖ ଆକର୍ଷଣ ହେବ ନେପାଳ ଏବଂ ଶ୍ରୀଲଙ୍କାର ଲୋକନୃତ୍ୟ
■୫ ଦିନଧରି ଦୁଲୁକିବ ସହର

ରାୟଗଡ଼ା ଅଫିସ, ୨୫।୧୨

ଆଜିଠାରୁ ଆରମ୍ଭ ହେଉଛି ରାୟଗଡ଼ା ଜିଲାର ଲୋକପର୍ବ 'ଚଇତି-୨୦୧୯'। ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଏହି ଜିଲାସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜଣାପଡ଼ିଛି। ଷ୍ଟେଜ ଠାରୁ ଆରମ୍ଭ କରି ସାଜସଜ୍ଜା ଅତି ଉଚ୍ଚକୋଟୀର ହୋଇଛି। ଆନ୍ଧ୍ରପ୍ରଦେଶରୁ କାରିଗର ଆସି ମଞ୍ଚ ନିର୍ମାଣ କରିଛନ୍ତି। ଏଥର ପର୍ବର ମୁଖ୍ୟ ଆକର୍ଷଣ ହେବ ନେପାଳ ଏବଂ ଶ୍ରୀଲଙ୍କାର ଲୋକନୃତ୍ୟ। ଅନ୍ୟପକ୍ଷରେ ଫୁଡ୍ ଷ୍ଟଲ୍ ସମେତ ୩୦୪ ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଲାଗିଛି। ଗୁରୁବାର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରୀଆଣୀଙ୍କ ଠାରୁ ଆଜ୍ଞାମାଳ ଆସିବ। କଳସ ପୂଜା ଦିନ ପ୍ରତ୍ୟେକ ବ୍ଲକ୍‌କୁ ଦିଆଯାଇଥିବା କଳସ ଆଣି ମା'ଙ୍କ ମନ୍ଦିରରେ ରଖାଯିବ। ଉକ୍ତ କଳସ ଗୁଡ଼ିକୁ ପ୍ରଶାସନିକ ଅଧିକାରୀମାନେ ଆଣିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟ କଳସ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଆଣି ଜିସିଡ଼ି ଖେଳ ପଡ଼ିଆରେ ଆୟୋଜିତ ହେଉଥିବା ଚଇତି ପର୍ବ ସ୍ଥଳରେ ସ୍ଥାପନ କରିବେ। ୫ଦିନ ଧରି ସମସ୍ତ କଳସ ଏବଂ ମଝିଘରୀଆଣୀଙ୍କ ଖଣ୍ଡା ମଞ୍ଚରେ ପୂଜା ପାଇବେ। ଖୋର୍ଦ୍ଧାର ପାଇକ ଆଖଡ଼ା, ବାଜା ବାଜଣା, କଣ୍ଢେଇ ନୃତ୍ୟ ମଧ୍ୟରେ ଲୋକନୃତ୍ୟ ଦଳ,ବାହାର ରାଜ୍ୟରୁ ଆସିଥିବା ଦଳଙ୍କ ମିଳିତ ଶୋଭାଯାତ୍ରାରେ ମା'ଙ୍କ ଖଣ୍ଡା ଏବଂ କଳସ ଅଣାଯିବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ବିଭାଗ ପକ୍ଷରୁ ଫୋର୍ସ ମୁତୟନ କରାଯାଇଛି। ସେହିପରି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଅଗ୍ନିଶମ ବିଭାଗ ମଧ୍ୟ ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ଚଇତି ପର୍ବ ପାଇଁ ବସଷ୍ଟାଣ୍ଡରୁ ଏକ ପ୍ରବେଶ ଦ୍ୱାର ଏବଂ ମେଡ଼ିକାଲ ନିକଟରୁ ଅନ୍ୟ ଏକ ପ୍ରବେଶ ଦ୍ୱାର କରାଯାଇଛି। ଏହାସହ ସହରରେ ଟ୍ରାଫିକ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୋଲିସ ପକ୍ଷରୁ ୫ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏଥିରେ ୪ ଡ଼ିଏସପି ୧୫ ଇନସପେକ୍ଟର, ୨୬ ସବ୍ ଇନସପେକ୍ଟର, ୨୫ ଏଏସ୍‌ଆଇ ସମେତ ରୁଫ୍‌ଟଫ ସେଣ୍ଟ୍ରିୱାଚ୍ ଟାୱାର୍ କରାଯାଇଛି। ସବୁ ଗେଟ ଛକମାନଙ୍କରେ ପୋଲିସ ଉପସ୍ଥିତ ରହିବା ସହ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଏହା ସହ ଜିସିଡ଼ି ପଡ଼ିଆ ମଧ୍ୟରେ କଣ୍ଟ୍ରୋଲ୍ ରୁମ୍ ରହିଛି। ଭିଡ଼କୁ ଦୃଷ୍ଟିରେ ରଖି ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯାଇଛି। ମହୋତ୍ସବ ପାଇଁ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି ଏସଡିପିଓ ତପନ ନାରାୟଣ ରଥ ।

## ତହସିଲଦାରଙ୍କ ଜିପ୍ ଦୁର୍ଘଟଣାଗ୍ରସ୍ତ

ସଜନାଗଡ଼, ୨୫।୧୨ (ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ତହସିଲଦାରଙ୍କ ଜିପ୍ ୧୯ନଂ. ରାଜ୍ୟ ରାଜପଥ ସେରଗଡ଼-ନୀଳଗିରି ରାସ୍ତାର ସାଆନ୍ତା ନିକଟରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୨ଟା ସମୟରେ ରାସ୍ତା ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। କେତେକ ଦୁର୍ବୃତ୍ତ ଏକ କାର୍‌ରେ ତାଙ୍କୁ ପିଛା କରି ମାରଣାସ୍ତ୍ର ଦେଖାଇବାରୁ ଡ୍ରାଇଭର ଭୟଭୀତ ହୋଇ ଗାଡ଼ିକୁ ଦ୍ରୁତ ଗତିରେ ଚଳାଇଥିଲେ। ଫଳରେ ଏହା ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଯାଇଥିଲା। ଘଟଣାସ୍ଥଳରେ ଖନ୍ତାପଡ଼ା ପୋଲିସ ପହଞ୍ଚି ଜିପକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛନ୍ତି। ଜିପ୍ ଡ୍ରାଇଭରଙ୍କ କହିବା ମୁତାବକ, ମଙ୍ଗଳବାର କୌଣସି କାମରେ ତହସିଲଦାର କଟକ ହାଇକୋର୍ଟକୁ ଯାଇଥିଲେ। ସେଠାରେ କାମ ସାରି ତହସିଲଦାର କଟକରେ ରହିଥିଲେ। ଡ୍ରାଇଭର ତାଙ୍କ କିରାଣିଙ୍କୁ ଆଣି ନୀଳଗିରିରେ ଛାଡ଼ି ବାଲେଶ୍ୱର ଫେରୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ପିଛା କରିଥିଲେ। ତେବେ ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଜିଲା ପାଇଁ ଗୌରବ ଆଣିଲେ ଜ୍ୟୋତି ପିଡିକାକା



ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଜ୍ୟୋତିଙ୍କୁ ପୁରସ୍କୃତ କରାଯାଉଛି।

ମୁନିଗୁଡ଼ା, ୨୫।୧୨ (ଡି.ଏନ୍.ଏ.)

ମୁନିଗୁଡ଼ାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଜ୍ୟୋତି ପିଡିକାକା କେବଳ ନିଜ ବିଦ୍ୟାଳୟ ନୁହେଁ ସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସରଗୀଫୁଲରେ ଏକକ ଅଭିନୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ବ୍ଲକ୍ ଏବଂ ଜିଲାସ୍ତରରେ ଏଭଳି କୃତିତ୍ୱ ଅର୍ଜନ କରିସାରିଥିବା ଜ୍ୟୋତିଙ୍କୁ ପ୍ରଧାନଶିକ୍ଷକ ସତ୍ୟନାରାୟଣ ପାତ୍ର, ସମସ୍ତ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ, ସହପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ସଦସ୍ୟଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜ୍ୟୋତି ପୁରସ୍କୃତ ହୋଇଥିବାବେଳେ ଏହି ସମୟରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।।

# ଅଧୁରା ରହିଗଲା ବିଧାୟକ ହେବାର ସ୍ୱପ୍ନ

ଗୁଣପୁର,୨୫।୧୨(ଡି.ଏନ୍.ଏ.)

ଆକସ୍ମିକ ଘଟଣାକ୍ରମେ ଗୋଟିଏ ଦିନରେ ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ପୁରୁଷୋତ୍ତମ ଗମାଙ୍ଗଙ୍କ ପଦ ଓ ଜୀବନ ଚାଲିଯିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ତାଙ୍କ ପରିବାର ଲୋକ ଓ ସମର୍ଥକ। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ବୁଧବାର ଗୁଣପୁର ବନ୍ଦ ଡାକରା ଦିଆଯାଇଛି।

କଂଗ୍ରେସ ନେତା ଗମାଙ୍ଗ ୧୯୯୬ରୁ ଅନେକଥର ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଆସୁଥିଲେ। ହେଲେ ବିଧାୟକ ହେବାର ତାଙ୍କ ସ୍ୱପ୍ନ ଅଧୁରା ରହିଯାଇଛି। ନିଜ ରାଜନୈତିକ ଜୀବନକାଳ ମଧ୍ୟରେ ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ ଏବଂ ଜିଲା ପରିଷଦ ଅଧ୍ୟକ୍ଷ ଭଳି ପଦ ପାଇବାରେ ସେ ସଫଳ ହୋଇଥିଲେ। ମାତ୍ର ବିଧାୟକ ହୋଇପାରି ନ ଥିଲେ। ୧୯୯୬ରେ ସେ ପ୍ରଥମଥର ପାଇଁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେ ଅଲଇଣ୍ଡିଆ ଇନ୍ଦିରା କଂଗ୍ରେସ (ତିୱାରୀ) ଦଳରୁ ଲଢ଼ି ସେଥର ୧୮୯୬ ଖଣ୍ଡ ଭୋଟ ପାଇଥିଲେ। ସେହିଠାରୁ ଆରମ୍ଭ ହୋଇଥିଲା ତାଙ୍କ ରାଜନୈତିକ ଜୀବନ। ୧୯୯୭ରେ ସେ ପ୍ରଥମେ ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ୨୦୧୨ରେ ସେ ଦ୍ୱିତୀୟଥର ପାଇଁ ବ୍ଲକ୍ ଅଧ୍ୟକ୍ଷ ନିର୍ବାଚିତ ହେଲେ। ୨୦୧୪ରେ କଂଗ୍ରେସ ଟିକେଟରେ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ସେ ବିଜେଡି ପ୍ରାର୍ଥୀ ତ୍ରିନାଥ ଗମାଙ୍ଗଙ୍କଠାରୁ ୭୩୮୬ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ୨୦୧୭ରେ ଜିଲା ପରିଷଦ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ତାଙ୍କ ପଦବୀକୁ ଅଦାଲତରେ ଚ୍ୟାଲେଞ୍ଜ କରାଯିବା ଯୋଗୁ ଏହାର ଶୁଣାଣି ସହ ଜିଲା ଜଜ୍ ତାଙ୍କ ପଦବୀ ରଦ୍ଦ କରିଥିଲେ। ୨୦୧୯ରେ ତାଙ୍କୁ ପୁଣି କଂଗ୍ରେସ ଟିକେଟ୍ ପ୍ରଦାନ କରିଥିଲା। ମାତ୍ର ସେ ପୁନର୍ବାର ବିଜେଡି ପ୍ରାର୍ଥୀ ରଘୁନାଥ ଗମାଙ୍ଗଙ୍କଠାରୁ ୬୨୭୦ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ପୁରୁଷୋତ୍ତମଙ୍କ ପତ୍ନୀ ସୁଜାତା ଦେବୀ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଥିବାବେଳେ ତାଙ୍କ ଦୁଇ ପୁଅ ଅଛନ୍ତି।

## ଚାକିରି ନାଁରେ ଠକେଇ: ଜେଲ ଗଲେ ଯୁବକ

ଭଦ୍ରକ ଅଫିସ,୨୫।୧୨

ଭଦ୍ରକ ସହର ଚରମ୍ପାଠାରେ ଏକ ନକଲି ଏଜେନ୍ସି ଖୋଲି ନିଯୁକ୍ତି ଦେବା ନାଁରେ ଆଶାୟୀଙ୍କଠାରୁ ଅର୍ଥ ଆଦାୟ କରି ଠକେଇ ଅଭିଯୋଗରେ ଟାଉନ ଥାନା ପୋଲିସ ଉତ୍ତରପ୍ରଦେଶ ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ମହମ୍ମଦ ଅସ୍‌ଲମ୍(୨୫)। ଏ ନେଇ ଏକ ମାମଲା(ନଂ.୩୯୬/୧୯) ରୁଜୁ କରାଯାଇ ବୁଧବାର ଅସ୍‌ଲମଙ୍କୁ କୋର୍ଟ ଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇ ଯୁବକ ଫେରାର ଥିବା ଏସ୍‌ଡିପିଓ ସୁନୀଲ ନନ୍ଦ ଓ ଥାନାଧିକାରୀ ଚନ୍ଦନ ଘଡ଼େଇ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅସ୍‌ଲମ ଚରମ୍ପା ଅଞ୍ଚଳରେ ଏକ ଭଡ଼ାଘର ନେଇ ସଂସ୍ଥା ଖୋଲି ଆଶାୟୀଙ୍କଠାରୁ ୨୫ ଶହ ଟଙ୍କା ଲେଖାଏ ସିକ୍ୟୁରିଟି ଡିପୋଜିଟ୍ ନେଇଥିଲେ। ଏକ କମ୍ପାନୀରେ ଚାକିରି କରାଇଦେବା ପାଇଁ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଶାୟୀମାନଙ୍କୁ ନିଯୁକ୍ତି ନ ମିଳିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଏରଡ଼ା ଗ୍ରାମର ଅରବିନ୍ଦ ପାଣିଗ୍ରାହୀ ନାମକ ଜଣେ ଯୁବକଙ୍କ ଏତଲା କ୍ରମେ ଅସ୍‌ଲମଙ୍କୁ କାବୁ କରି ପଚରାଉଚରା କରାଯାଇଥିଲା। ତେବେ ସେ ଅନ୍ୟ ଏକ ନାମରେ ସେଠାରେ ଘର ଭଡ଼ା ନେଇ ଲୋକଙ୍କଠାରୁ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ତଦନ୍ତ ବେଳେ ଜଣାପଡ଼ିଛି।

# 'କ୍ରିସ୍‌ମାସ୍ ଡେ'ରେ ଉତ୍ସବମୁଖର ଚର୍ଚ୍ଚ

ରାୟଗଡ଼ା ଅଫିସ,୨୫।୧୨



ରାୟଗଡ଼ା ଚର୍ଚ୍ଚରେ କ୍ରିସ୍ ମାସ ଉତ୍ସବ ପାଳନ କରାଯାଉଛି।

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ବୁଧବାର କ୍ରିସ୍‌ମାସ୍ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ଖ୍ରୀଷ୍ଟ ଧର୍ମାବଲମ୍ବୀ ପ୍ରଭାତଫେରି କରିବା ସହ ପରସ୍ପରଙ୍କୁ ଅଭିନନ୍ଦନ ଜଣାଇବା ସହ ଉପହାର ଦେଇଥିଲେ। ସହରରେ ବସଷ୍ଟାଣ୍ଡ ନିକଟରେ ଥିବା ଆର୍‌ସି ଚର୍ଚ୍ଚ, ଷ୍ଟେଟବ୍ୟାଙ୍କ୍ ଛକ ନିକଟ ଲ୍ୟୁଥେରାନ ଚର୍ଚ୍ଚ, ବାପଟିଷ୍ଟ ଚର୍ଚ୍ଚରେ ଖ୍ରୀଷ୍ଟ ବିଶ୍ୱାସୀଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଲ୍ୟୁଥେରାନ ମଣ୍ଡଳିରେ ଫାଦର ଆଣ୍ଡ୍ରିୟୁ ବାଚେଲି ପ୍ରାର୍ଥନା ପରିଚାଳନା କରିବା ସହ ବଡ଼ଦିନର ଶୁଭ ସମ୍ବାଦ ପରିବେଷଣ କରିଥିଲେ। ଜଗତର ଅସ୍ଥିର ପରିବେଶ ମଧ୍ୟରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ସ୍ଥିର ଓ ଶାନ୍ତି ଆଣିଦେଇଛନ୍ତି ବୋଲି ଫାଦର୍ କହିଥିଲେ। ଏହି ଅବସରରେ ଗୀର୍ଜା ଗୃହ ଗୁଡ଼ିକ ଗୁହାଳ କୁଣ୍ଡ, କୁଡ଼ିଆ ଘର, କ୍ରିସ୍‌ମାସ୍ ଟ୍ରୀ ଓ ରଙ୍ଗୀନ୍ ଆଲୋକମାଳାରେ ଝଲସି ଉଠୁଛି। ସାଣ୍ଟାକ୍ଲଜ୍ କୁନି କୁନି ପିଲାଙ୍କୁ ଉପହାର ଦେଉଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ହୋଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଗୁଣପୁର ଅଞ୍ଚଳରେ ମଧ୍ୟ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ଧୂମଧାମ୍‌ରେ ପାଳିତ ହୋଇଛି। ସହରରେ ଥିବା ବିଭିନ୍ନ ଚର୍ଚ୍ଚ ସହଜଲତାଲ୍,ପୁଟାସିଂ, ଶଗଡ଼ା, ଟଲଣା, ଆବାଡ଼ା, ଗୋଠଲପଦର, ଭୀମପୁର, ମରମା ପଞ୍ଚାୟତରେ ବଡ଼ଦିନ ପାଳନ କରାଯିବା ସହ ଫାଦର୍‌ମାନେ ଯୀଶୁଙ୍କ ବାଣୀ ଶୁଣାଇଥିଲେ।

## ବାଜପେୟୀଙ୍କ ଜନ୍ମତିଥିରେ ଫଳ ବଣ୍ଟନ



ଦଳ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ଦିଆଯାଉଛି।

ରାୟଗଡ଼ା ଅଫିସ/ମୁନିଗୁଡ଼ା, ୨୫।୧୨ (ଡି.ଏନ୍.ଏ.)

ରାୟଗଡ଼ା ଅଫିସ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ରାୟଗଡ଼ା ଭାଜପା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ପ୍ରଦାନ କରିଛନ୍ତି। ଜିଲା ସଭାପତି ଶିବ ପଣ୍ଡା ରୋଗୀଙ୍କୁ ଫଳ ଦେବା ସହ ଲୋକଙ୍କୁ ବାଜପାୟୀଙ୍କ ନୀତି ଓ ଆଦର୍ଶ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

ସେହିପରି ମୁନିଗୁଡ଼ା ଭାଜପା ପକ୍ଷରୁ ମଧ୍ୟ ବିଜେପି ନେତା ଜି. ବୀରଭଦ୍ର ଆଚାରୀଙ୍କ ନେତୃତ୍ୱରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାକ୍ତର ସଞ୍ଜୟ କୁମାର, ବଜରଙ୍ଗ ଦଳର ସଦସ୍ୟ ଭୀମ ବେହେରା, ପଦ୍ମନ ବେହେରା, ଜି. ସୁନ୍ଦର ରାଜୁ, ଶ୍ୱେତା ଦାସ, ଟି. ସୁରଜ ରାଓ, ରଙ୍କ ମହାରଣା, ଗାଡବା ବାଲରାଜୁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଅଂଶଗ୍ରହଣ କରିଥିଲେ। ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରେ ତୃଣମୂଳ ସ୍ତରରେ କର୍ମୀଙ୍କୁ ଏକତ୍ରିତ କରି ବିଷମକଟକ ନିର୍ବାଚନମଣ୍ଡଳୀରେ ସଙ୍ଗଠନକୁ ସୁଦୃଢ଼ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା।

# ବାଜପେୟୀଙ୍କ ଜୟନ୍ତୀ ପାଳିତ

ଗୁଣପୁର,୨୫।୧୨(ଡି.ଏନ.ଏ)



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ରାୟଗଡ଼ା ଜିଲା ଗୁଣପୁରଠାରେ ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପାୟୀଙ୍କ ଜୟନ୍ତି ବୁଧବାର ପାଳିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତରତ୍ନ ଅଟଳ ବିହାରୀ ବାଜପାୟୀ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨ୟ ଆଇଆର୍‌ବିଏନ୍‌ର କମାଣ୍ଡାଣ୍ଟ ଦୁରିଆ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଜପାୟୀଙ୍କ ତ୍ୟାଗପୂତ ଜୀବନି ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ସଭାପତି ସୂର୍ଯ୍ୟନାରାୟଣ ରଥ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସଂଯୋଜକ ଚିନ୍ମୟ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେହିପରି ସମ୍ମାନୀତ ଅତିଥିଭାବେ ୱାଇ. ଗଣପତି ଯୋଗ ଦେଇଥିଲେ। ଅମ୍ବିକାରାଣୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନନ୍ଦିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ୧୦୩ ବର୍ଷିୟ ବୃଦ୍ଧାମାତା, ଅବିରତ ସେବା କରୁଥିବା ସିମାଦ୍ରୀ ଶତପଥୀ ଦମ୍ପତିଙ୍କୁ ସୋମନାଥ ଗୌଡ଼ଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବକ୍ତୃତା ଏବଂ ଦଳଗତ ଆଲୋଚନାରେ ଗାନ୍ଧୀ ପବ୍ଲିକ୍ ସ୍କୁଲର ଇପ୍‌ସିତା ମିଶ୍ର, ଆୟୁଷି ପଣ୍ଡା ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ କେ. ଶୈଳଜାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଟ୍ରଷ୍ଟର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ଚାଟିକୋଣାରେ ବଢୁଛି ବେଆଇନ କ୍ଲିନିକ୍

ବିଷମକଟକ, ୨୫।୧୨

**କ୍ୱାକ୍‌ଙ୍କ ରାଜ୍**

ରାଜ୍ୟରେ କେହି ସ୍ୱାସ୍ଥ୍ୟସେବାରୁ ଯେପରି ବଞ୍ଚିତ ରହିବେ ନାହିଁ, ସେଥିପାଇଁ ସରକାରଙ୍କ ପକ୍ଷରୁ ମାଗଣାରେ ଚିକିତ୍ସା ଏବଂ ନିରାମୟ ଯୋଜନାରେ ଔଷଧର ବ୍ୟବସ୍ଥା କରାଯାଇଛି। ହେଲେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଏବେ ବି ଅପହଞ୍ଚ। ଲୋକେ ଚିକିତ୍ସା ପାଇଁ ଡାକ୍ତର ବଦଳରେ କ୍ୱାକ୍‌ଙ୍କ ଉପରେ ନିର୍ଭର କରୁଛନ୍ତି। ଏହାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅଧୀନ ଚାଟିକୋଣା ପଞ୍ଚାୟତ ଅଞ୍ଚଳରେ। ଏଠାରେ ପଶ୍ଚିମବଙ୍ଗର ଡାକ୍ତର ପରିଚୟ ଦେଇ ଗାଁ ଗାଁରେ କ୍ଲିନିକ୍ କରି ସ୍ୱାସ୍ଥ୍ୟସେବା ନାମରେ ଲୋକଙ୍କୁ ଶୋଷଣ କରାଯାଉଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟ ବିଭାଗର ନାକ ତଳେ ଏପରି ଅନେକ କ୍ଲିନିକ୍ ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏ ଗୁଡ଼ିକୁ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ନିଆଯିବା ଦେଖିବାକୁ ମିଳୁନାହିଁ।

ଏହି ଅଞ୍ଚଳରେ ଆଶୁତୋଷ ରାୟ ନାମକ ବ୍ୟକ୍ତି 'ପ୍ରିୟଙ୍କା କ୍ଲିନିକ୍' ନାମରେ ଏକ କ୍ଲିନିକ୍ ଖୋଲି ରୋଗୀଙ୍କ ଚିକିତ୍ସା କରୁଛନ୍ତି। କ୍ଲିନିକ୍ ଖୋଲିବା ନେଇ ବ୍ୟକ୍ତିଙ୍କ ନିକଟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର କୌଣସି ସ୍ୱୀକୃତିପତ୍ର କିମ୍ବା ଡାକ୍ତରୀ ଶିକ୍ଷାର ଯୋଗ୍ୟତା ନେଇ କୌଣସି ପ୍ରମାଣ ନାହିଁ। ହେଲେ ସେ ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଚାଟିକୋଣା ଏବଂ କୁର୍ଲୀ ଏକ ଆଦିବାସୀ ଅଧ୍ୟୁସିତ ତଥା ଜନଜାତି ସମ୍ପ୍ରଦାୟଙ୍କ ଅଞ୍ଚଳ ହୋଇଥିବାବେଳେ ଅଞ୍ଚଳରେ ଅନ୍ୟ କୌଣସି ମେଡିକାଲ୍ ନ ଥିବାରୁ ଲୋକେ ସ୍ୱାସ୍ଥ୍ୟସେବା ପାଇଁ ଏହି କ୍ଲିନିକ୍ ଉପରେ ହିଁ ନିର୍ଭର କରୁଛନ୍ତି। ଏହାର ସୁଯୋଗ ନେଇ ଏହି କ୍ଲିନିକ୍‌ରେ ସାଲାଇନ୍ ଲଗାଇବା ପାଇଁ ୫ଶହରୁ ୬ଶହ ଟଙ୍କା ନେଉଥିବା ରୋଗୀଙ୍କ ସମ୍ପର୍କୀୟମାନେ ପ୍ରକାଶ କରିଛନ୍ତି। ବେଆଇନ ଭାବେ ବିଭିନ୍ନ ପ୍ରକାର ଔଷଧ ଗଚ୍ଛିତ ରଖି ଲୋକଙ୍କ ଠାରୁ ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କ୍ଲିନିକ୍‌ର ବୈଧତା ସମ୍ପର୍କରେ କ୍ଲିନିକ୍ ଚଳାଉଥିବା ରାୟଙ୍କୁ ପଚାରିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ଜାଣତରେ ଏହି କ୍ଲିନିକ୍ ଖୋଲାଯାଇଥିବା ଏବଂ ନିୟମିତ ଭାବେ ଅଧିକାରୀମାନେ କ୍ଲିନିକ୍ ଯାଞ୍ଚ କରି ଫେରିଥିବା କହିଛନ୍ତି। କିଛିଦିନ ତଳେ ମଧ୍ୟ ଅଧିକାରୀମାନେ ଆସି ଦେଖି ଯାଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଏପରିକି ମୋ ବିରୋଧରେ ଅଭିଯୋଗ ପାଇ ପୂର୍ବତନ ଥାନା ଆଇଆଇସି ମଧ୍ୟ ବହୁବାର କ୍ଲିନିକ୍‌ରେ ନଥିପତ୍ର ଯାଞ୍ଚ କରି ସବୁ ଠିକ୍ ଥିବା ଜାଣି ଫେରିଯାଇଛନ୍ତି, ତେଣୁ କିଏ ଅଭିଯୋଗ କଲେ ମଧ୍ୟ ମୋର କିଛି ହେବନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ତେବେ କ୍ଲିନିକ୍ ସରକାରୀ ସ୍ୱୀକୃତିପ୍ରାପ୍ତ କି ନୁହେଁ କ୍ଲିନିକ୍‌ରେ କୌଣସି ସୂଚନା ନ ଥିବାବେଳେ ଏ ନେଇ ତଦନ୍ତ ଆବଶ୍ୟକ ବୋଲି ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ବାଜପେୟୀଙ୍କ ଜୟନ୍ତୀ ପାଳିତ

ଚନ୍ଦାହାଣ୍ଡି/ଡାବୁଗାଁ/ଉମରକୋଟ, ୨୫।୧୨ (ଡି.ଏନ.ଏ)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଭାଜପା କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ମଣ୍ଡଳ ସଭାପତି ପ୍ରତାପ ବାଘ ଏବଂ ଡମ୍ବୁରୁଧର ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ସଭାପତି ଗୋବିନ୍ଦ କୁମାର ଜୈନ ଯୋଗ ଦେଇ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପରେ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କର୍ମକର୍ତ୍ତାଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଦିଲିପ ଦାସ, ଯାଦବ ବଗର୍ତ୍ତି, ଭୁବନେଶ୍ୱର ସାଗର, ପ୍ରଭାତ ସୁନା, ସୁବଳ ବାଘ, ମୁକେଶ ସାହୁ, ଗୌରାଙ୍ଗ ମନହିରା, ମକୁନ୍ଦ ବାଗ, ନିଳେନ୍ଦ୍ରୀ ପାଣ୍ଡେ, ହିରଣ୍ୟ ବାଘ, ସରୋଜ ବାଘ ଯୋଗ ଦେଇଥିଲେ। ସେହିପରି ଭାଟିପଡା ଗ୍ରାମରେ ମଧ ଟେକରାମ ମାଝି, ମୁରଲି ପୋଡଙ୍କ ନେତୃତ୍ୱରେ ବାଜପେୟୀ ଜୟନ୍ତୀ ପାଳିତ ହୋଇଛି। ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ମା'ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ପୂର୍ବତନ ଜିଲା ଭାଜପା ସଭାପତି ଗୋବିନ୍ଦ ଜୈନ, ପୂର୍ବତନ ଭାଜପା ଉପସଭାପତି ଜୟନ୍ତ କୁମାର ପାତ୍ର ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିରେ କାର୍ଯ୍ୟକାରିଣୀ ସଭ୍ୟା ମନୋରମା ନାୟକ, ବରିଷ୍ଠ ଭାଜପା ନେତା ଦିଲ୍ଲୀପ ଦାସ, ପଦ୍ମନ ନାୟକ, ବାବୁଲା ଦାସ, ଅରୁଣ ନାୟକ, ଜିଲା ପ୍ରତିନିଧି ନରୁ ସିଂ, ଡାବୁଗାଁ ମଣ୍ଡଳର ସାଧାରଣ ସମ୍ପାଦକ ମହେଶ ପାତ୍ର ଓ ଭୀମସେନ ଜେନା, ଦାମୋଦର ପ୍ରଧାନ, କ୍ଷେତ୍ର ମୋହନ ପାତ୍ର, ଦୁର୍ଜନ ମୀର୍ଗାନ, ପରଶୁ ଭତରା, ପଙ୍କଜ ମାଝି, ବୋରିଗାଁ ମଣ୍ଡଳ ସଭାପତି ଭାସ୍କର ସୁନା, ଚୈତନ ତନ୍ତୀ, ନରହରି ଭତରା, ନର ଭତରା ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ। ଉମରକୋଟ ଭାଜପା କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ଯୋଗ ଦେଇ ଅଟଳଙ୍କ ପ୍ରଧାନମନ୍ତ୍ରୀ ସମୟରେ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ନଗର ସଭାପତି ସୁରେଶ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ବରିଷ୍ଠ ଓକିଲ ରାମ ନାୟକ, ଡାକ୍ତର ରମେଶ ଚନ୍ଦ୍ର ସାହୁ, ସନ୍ତୋଷ ସକରାର ଯୋଗ ଦେଇ ବାଜପେୟୀ ଜଣେ କବି, ସୁସଙ୍ଗଠକ, ଜଣେ ରାଷ୍ଟ୍ରବାଦୀ ନେତା ଥିଲେ ବୋଲି କହିଥିଲେ।

### କଲଭର୍ଟ ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

ପାଟପୁର,୨୫।୧୨- ପାଟପୁର ଥାନା ଜଗନ୍ନାଥପୁର ଡେଙ୍ଗାଡି ମୁଖ୍ୟରାସ୍ତା ରମୁଣି ଛକ ନିକଟରେ ବୁଧବାର ସକାଳ ପ୍ରାୟ ୮ ଟାରେ ପାଟପୁର ପୋଲିସ କଲଭର୍ଟ ତଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ଜଣଙ୍କ ନୟାଗଡ଼ ଜିଲା ଓଡଗାଁ ଅଞ୍ଚଳର ବୁଦ୍ଧିଆ ମହାରଣା। ବୁଦ୍ଧିଆ ସାନଖେମୁଣ୍ଡି ବ୍ଲକ ପଥରପୁଞ୍ଜି ଗ୍ରାମରେ ଗତ କିଛିବର୍ଷ ହେଲା ରହି ମିସ୍ତ୍ରୀ କାମ କରୁଥିଲେ। ସେ ଓଡଗାଁରୁ ମଙ୍ଗଳବାର ଘରେ କାହାକୁ କିଛି ନ କହି ପଥରପୁଞ୍ଜି ଆସିଥିଲେ। ଆସିବା ବାଟରେ ଥିବା କଲଭର୍ଟ ନିକଟରେ ସେ କୌଣସି କାରଣରୁ କଲଭର୍ଟ ତଳକୁ ଖସିପଡିଥିଲେ। ମୁଣ୍ଡରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

# ୧୫ ଫୁଟ ଖାଲରୁ ଭାଲୁ ଉଦ୍ଧାର

ଝରିଗାଁ,୨୫।୧୨(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତ କାଦମଲ୍ଲୀ ଗ୍ରାମର ଏକ ଚାଷ ଜମିରେ ଖୋଳା ଯାଇଥିବା ୧୫ଫୁଟ ଖାଲ ମଧ୍ୟରୁ ଏକ ଭାଲୁକୁ ବୁଧବାର ବନବିଭାଗ ଉଦ୍ଧାର କରିଛି। କାଦମଲ୍ଲୀ ଗ୍ରାମର ଅରକ୍ଷିତ ମାଝି ନିଜ ଚାଷଜମିରେ ପାଣି ପାଇଁ କିଛି ଦିନ ତଳେ ଏହା ଖୋଳିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସେହି ଖାଲରେ ଗୋଟିଏ ଭାଲୁ ପଡିଯାଇଥିଲା। ବୁଧବାର ସକାଳୁ କୌଣସି ବନ୍ୟଜନ୍ତୁ ଜମିରେ ଗର୍ଜନ କରୁଥିବା ଅରକ୍ଷିତ ଶୁଣିବାକୁ ପାଇଥିଲେ। ଜମିରେ ଖୋଳିଥିବା ଖାଲରେ ଭାଲୁ ପଡିଥିବା ସେ ଦେଖିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଝରିଗାଁ ବନ ବିଭାଗକୁ ଏ ସମ୍ପର୍କରେ ଜଣାଇଥିଲେ।


ଖାଲରେ ପଡିଥିବା ଭାଲୁ ।

ଖବରପାଇ ଘଟଣା ସ୍ଥଳରେ ରେଞ୍ଜର ମୁକୁନ୍ଦ ଦିଶାରୀ, ଫରେଷ୍ଟର ହରେଲାଲ ନିଆଲ, ଚନ୍ଦ୍ରଧ୍ୱଜ ଲାମତା, ରାଜୁ ମଣ୍ଡଳ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥଲେ। ଏହାପରେ ଜିଲା ବନ ବିଭାଗକୁ ଜଣାଇବା ପରେ ପାପଡାହାଣ୍ଡି ବନ ବିଭାଗ ଅଧିକାରୀ ଏ.ମନୋଜଙ୍କ ନେତୃତ୍ୱରେ ଏକ ଟିମ୍ କାଦମଲ୍ଲୀ ଗ୍ରାମରେ ପହଞ୍ଚିଥିଲେ। ବହୁ ସମୟ ଧରି ବନ କର୍ମଚାରୀ ଚେଷ୍ଟା କରିବା ପରେ ଖାଲରୁ ଭାଲୁକୁ ଉଦ୍ଧାର କରି ଯନ୍ତା ମଧ୍ୟରେ ରଖିଥିଲେ। ଭାଲୁର ବୟସ ପ୍ରାୟ ୧୦ ବର୍ଷ ହୋଇଥିବା ବେଳେ ଓଜନ ୧୨୦ କେଜି ରହିଛି। ଭାଲୁର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯିବା ପରେ ନିକଟରେ ରହିଥିବା ଇଚ୍ଛାପୁର ଜଙ୍ଗଲକୁ ପୁଣି ଛଡାଯିବ ବୋଲି ଫରେଷ୍ଟର ହରେଲାଲ୍ ହିଆଲ୍ କହିଛନ୍ତି।

# ଫେବୃୟାରୀ ୧ରେ ସାହିତ୍ୟର ମହାକୁମ୍ଭ 'କାକର'

ନବରଙ୍ଗପୁର/କୋଷାଗୁମୁଡା, ୨୫।୧୨(ଡି.ଏନ.ଏ)

ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆସନ୍ତା ବର୍ଷ ଫେବୃୟାରୀ ୧ ଓ ୨ ତାରିଖରେ ଦୁଇଦିନ ଧରି ମୁକ୍ତାକାଶ ସାହିତ୍ୟ ମହୋତ୍ସବ 'କାକର' ଅନୁଷ୍ଠିତ ହେବ। ନବରଙ୍ଗପୁର ଜିଲାର କୋଷାଗୁମୁଡା ଓ ଛତିଶଗଡ ରାଜ୍ୟ ଜିଲା କମିଟି ଗଠନ କରାଯାଇଥିଲା। ଜିଲା ସଂଯୋଜକ ଭାବେ ସହଦେବ ପରିଡା, ୧୦ଟି ବ୍ଲକ ସଂଯୋଜକମାନେ ମନୋନୀତ ହୋଇଥିଲେ। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ,ଲୋକସାହିତ୍ୟ, ଲୋକ ସଙ୍ଗୀତ,ଓଡିଶା ସାହିତ୍ୟର ବିଭବ, ସୁଗମ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକମ ସ୍ଥାନ ପାଇବ। ଏହା ସହ ସାହିତ୍ୟ କ୍ଷେତ୍ରରେ


ବୈଠକରେ ଯୋଗ ଦେଇଥିବା ସଦସ୍ୟମାନେ।

ବସ୍ତର ଜିଲା ଚିତ୍ରକୂଟଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଗଠିତ ହୋଇଥିବା କମିଟିରେ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଅଧ୍ୟକ୍ଷ ରହିଥିବା ବେଳେ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ସଭ୍ୟ କୁଞ୍ଜବିହାରୀ ଦାଶ, ଧରମ ସିଂ, ଆର. ପ୍ରଭାକର ରାଓ ରହିଛନ୍ତି। ଏଥିପାଇଁ ଏକ ବୈଠକ ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଷାଗୁମୁଡା ବ୍ଲକ ଅଧ୍ୟକ୍ଷା ଗୀତାମଣି ସମରଥ, ଉପାଧ୍ୟକ୍ଷା ପଦ୍ମାସାଇ ମାଳିଙ୍କ ଉପସ୍ଥିତିରେ ପାରଦର୍ଶିତା ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ସହ ବିଭିନ୍ନ ଲେଖକ ଲେଖିକାଙ୍କ ପୁସ୍ତକ ଲୋକାର୍ପିତ ହେବ। ୨ୟ ଦିବସ ଜଗଦଲପୁର ନିକଟସ୍ଥ ଚିତ୍ରକୂଟଠାରେ ଅନୁଷ୍ଠିତ ହେବ। ସେଠାରେ ଏକ କବିତା ଉତ୍ସବ ଅନୁଷ୍ଠିତ ହେବ। ଏହି ବୈଠକରେ 'କାକର' ଉପସଭାପତି ଅଶୋକ କୁମାର ପଟ୍ଟନାୟକ, ସମ୍ପାଦକ ରାମପ୍ରସାଦ ପାତ୍ର, ବିଜୟ କୁମାର ପଟ୍ଟନାୟକ, ଚିତ୍ରସେନ ସାମନ୍ତରାୟ, ମଦନ ମୋହନ ନାୟକ, ଲିଙ୍ଗରାଜ ଦାସ, ସୁନୀଲ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ସଫଳତା ପାଇଁ ଅନ୍ତର୍ନିହିତ ଗୁଣ ପରିପ୍ରକାଶ ଆବଶ୍ୟକ'

ନବରଙ୍ଗପୁର୨୫।୧୨(ବି.ପ୍ର.)

ନବରଙ୍ଗପୁର ଇଂଲିସ ମିଡିୟମ ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଯୁଗପୋଯୋଗୀ ଭାବେ କିଭଳି ଶିକ୍ଷାଦାନ ହୋଇ ପାରୁଛି ସେ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସମେତ ସେମାନଙ୍କ ଅନ୍ତର୍ନିହିତ କୌଶଳ ଓ ଗୁଣବତ୍ତା ପରିପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ବିଦ୍ୟାଳୟ ଟେକ୍ନୋଲୋଜି ଗୁରୁତ୍ୱ ପ୍ରଦାନ କରି ଶିକ୍ଷା ଦାନ ପ୍ରତି ଆଗ୍ରହ ବଢାଇଥିବାରୁ ଅନୁଷ୍ଠାନ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ । ସାକ ରବୋଟିକ୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସାଖ୍ୟସିଂ ମହାପାତ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ରବର୍ଟ ମାଧ୍ୟମରେ ଅତିଥି ମାନଙ୍କୁ ଫୁଲତୋଡା ପ୍ରଦାନ କରାଯାଇଥିଲା ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

। ଏହାକୁ କୁନି କୁନି ପିଲାମାନେ ବହୁ ଆଗ୍ରହ ସହ ଅନୁଧ୍ୟାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ନାୟକ ସଭାପତିତ୍ୱ କରି କହିଥିଲେ ଯେ, ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଟେକ୍ନୋଲୋଜୀ ପ୍ରତି ଆଗ୍ରହ ସୃଷ୍ଟି କରାଯିବ । ଆଗାମୀ ଶିକ୍ଷା ବର୍ଷରେ ଛାତ୍ରୀ ଛାତ୍ର ମାନେ ରୋବଟିକ୍ସ ତିଆରି କରିବେ । ଏନେଇ ଭୁବନେଶ୍ୱରରୁ ପ୍ରଶିକ୍ଷକ ଆସି ତାଲିମ ମଧ୍ୟ ଦେବେ । ଯାହାକି କେବିଜେ ଜିଲାରେ ନବରଙ୍ଗପୁରର ଟେକ୍ନୋଗୁରୁକୁଳ ପ୍ରଥମେ ଏହିଶିକ୍ଷା ଦାନ ଆରମ୍ଭ କରିବ । ଏହି ଅବସରରେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । ବିଦ୍ୟାଳୟ ଭାଇସ ପ୍ରିନ୍ସିପାଲ ସରିତା ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଛାତ୍ରୀଛାତ୍ର ସମେତ ଅଭିଭାବକ ମାନେ ଯୋଗଦେଇଥିଲେ ।

## ଖୋଲିନି ମଣ୍ଡି, ଚାଷୀ ହତାଶ

ବୁଗୁଡ଼ା,୨୫।୧୨(ଡି.ଏନ.ଏ.)- ବୁଗୁଡ଼ା ବ୍ଲକର ଗୋଲବନ୍ଧ ପଞ୍ଚାୟତ ବ୍ୟତୀତ ଅନ୍ୟ କୌଣସିଠାରେ ଏ ଯାଏ ଧାନମଣ୍ଡି ଖୋଲନି। ଏଥିଲାଗି ଚାଷୀଙ୍କ ମଧ୍ୟରେ ହତାଶ ଭାବ ଦେଖାଦେଇଛି। ଚାଷୀ ଧାନ ଅମଳ ସାରିଥିଲେ ମଧ ରଖିବାକୁ ସ୍ଥାନ ଅଭାବ ଦେଖାଦେଇଛି। ଖଳାରେ ରଖିଲେ ହାତୀ ନଷ୍ଟ କରିବା ଭୟ ନଚେତ୍ ବର୍ଷା ହେଲେ ଧାନ ନଷ୍ଟ ହେବା ଆଶଙ୍କା ରହିଛି। ଅନ୍ୟପଟେ ଚାଷ ପାଇଁ ବ୍ୟାଙ୍କରୁ ଆଣିଥିବା ଋଣ ପୈଠ କରିବାକୁ ଚାଷୀ ବ୍ୟଗ୍ର। ଏସବୁ କାରଣକୁ ନେଇ କେତେଜଣ ଚାଷୀ ବ୍ୟବସାୟୀଙ୍କୁ ଧାନ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା ବଦଳରେ ୧୩୦୦ରୁ ୧୩୫୦ ଟଙ୍କାରେ ବିକିବାକୁ ବାଧ ହେଉଛନ୍ତି। ଗତ ୧୧ତାରିଖରେ ବ୍ଲକ ତହସିଲ ଓ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଡିସେମ୍ବର ୧୬ରୁ ଧାନମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ହୋଇଥିଲା। ବୁଗୁଡ଼ା ବ୍ଲକର ୧୪ ସେବା ସମବାୟ ସମିତି ମାଧ୍ୟମରେ ଧାନ କିଣାହେବ। ଚଳିତ ବର୍ଷ ବ୍ଲକରେ ୭୩ ହଜାର କୁଇଣ୍ଟାଲ ଧାନ କିଣିବାକୁ ମଧ ପ୍ରଶାସନ ସ୍ଥିର କରିଛି। ହେଲେ ଏ ଯାଏ ସମସ୍ତ ମଣ୍ଡି ଖୋଲିନି। ମଙ୍ଗଳବାର କେବଳ ଗୋଳାବନ୍ଧ ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲିଛି। ବିଡିଓ ତନ୍ମୟ ପାତ୍ର କହିଛନ୍ତି, ଗତ ଶୁକ୍ରବାର ଜିଲା ପ୍ରଶାସନ ଠାରେ ମିଲରମାନେ ଅର୍ଥ ଜମା କରି ୩୧ ହଜାର କୁଇଣ୍ଟାଲ ଧାନ ଉଠାଇବାକୁ ଚୁକ୍ତି କରିଛନ୍ତି। ତେଣୁ ଟୋକନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ତୁରନ୍ତ ସମସ୍ତ ମଣ୍ଡି ଖୋଲାଯିବ ।

# ବାଜପେୟୀଙ୍କ ଜୟନ୍ତୀ ପାଳିତ


ଜୟନ୍ତୀ ଅବସରରେ ଯୋଗ ଦେଇଥିବା ଭାଜପା କର୍ମକର୍ତ୍ତା।

ନବରଙ୍ଗପୁର,୨୫।୧୨(ବି.ପ୍ର)

ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସ୍ଥାନୀୟ ଭାଜପା କାର୍ଯ୍ୟାଳୟ ଠାରେ ପାଳିତ ହୋଇ ଯାଇଛି । ନବ ନିର୍ବାଚିତ ଜିଲାସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ସୁରେନ୍ଦ୍ର ବିଷୋୟୀ ଯୋଗ ଦେଇ ବାଜପେୟୀଙ୍କ ଜୀବନୀ ଓ ତାଙ୍କ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ନେତା ଗୌରୀ ଶଙ୍କର ମାଝୀ, ସତ୍ୟବାଦୀ ଷଡଙ୍ଗୀ, ରାଜେନ୍ଦ୍ର ତ୍ରିପାଠୀ, କାହ୍ନୁ ଦାଶ, ଅରୁଣ ପୂଜାରୀ, ସର୍ମିଷ୍ଠା ଦେଓ, ସୁବ୍ରତ ମିଶ୍ର, ଭୁବନ ନାୟକ, ମନୋଜ ସଗରିଆ, ଅମୁଲ୍ୟ ମିଶ୍ର, ସରୋଜ ବେହେରା, ଦୈତାରି ମାଝୀ, ସଂଜୀବ ନନ୍ଦ, ଶୁଭମ ଚୌଧୁରୀ, ବଷ୍ଟି ସାମନ୍ତରାୟ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ।

# ବଡଦିନରେ ଚର୍ଚ୍ଚ ଉତ୍ସବମୁଖର

ନବରଙ୍ଗପୁର,୨୫।୧୨(ବି.ପ୍ର.)

ସ୍ଥାନୀୟ ଜେଇଏଲସି ଚର୍ଚ୍ଚ ଠାରେ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ ତଥା ବଡ ଦିନ ବହୁ ଆଡମ୍ବର ସହ ପାଳିତ ହୋଇ ଯାଇଛି । ଚର୍ଚ୍ଚରେ ଆଲୋକ ସୁସଜ୍ଜିତ କରାଯାଇଛି । ମଙ୍ଗଳବାର ରାତିରେ ପ୍ରାର୍ଥନା, ଯିଶୁଙ୍କ ବାଣୀ ଓ ମୁଖ୍ୟ ବାକ୍ୟ ରେଭନ ବର୍ଦ୍ଧିନ ବିଷୋୟୀ ଓ ରେଭ ଏଲିଜାବେଥ ବାଘଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଦଳଗତ ଭାବେ ଯିଶୁଙ୍କ ପ୍ରଶଂସା ସଙ୍ଗୀତ ଓ ଶୁଭେଚ୍ଛା ବାକ୍ୟ ଦିଆଯାଇଥିଲା । ବୁଧବାର ସକାଳୁ ଉପାସନା ପରେ ଯିଶୁଙ୍କ ଶୁଭ ବାର୍ତ୍ତା ଦିଆଯାଇଥିଲା। ବିଶ୍ୱ ଶାନ୍ତି କାମନା କରିବା ସହ ସମସ୍ତ ଧର୍ମର ଲୋକ କିଭଳି ସୁରକ୍ଷା ଓ ଶାନ୍ତିଜୀବନ ଯାପନ କରିବେ ସେଥିପ୍ରତି ପ୍ରାର୍ଥନା କରାଯାଇଥଲା। ଅପରାହ୍ନରେ ନିକଟସ୍ଥ ପଡିଆ ଠାରେ ଖେଳକୁଦ, ଫ୍ୟାନ୍ସି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ କ୍ୟାଣ୍ଡେଲ ଜାଳି ସମସ୍ତେ ନିଜର ମନସ୍କାମନା ସହ ପ୍ରାଥନା କରିଥିଲେ । ଚର୍ଚ୍ଚ ଠାରେ ସାମୂହିକ ମିଷ୍ଟାନ ବଣ୍ଟନ କରାଯାଇଥିଲା । ୨୬ ତାରିଖରୁ ୩୦ ତାରିଖ ନିକଟସ୍ଥ ପର୍ଯ୍ୟନ୍ତ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ନିରୁପରାଜ ସୁକଦୁଲାରୀ, ସମ୍ପାଦକ ସଂଜୟ ପ୍ରଦୀପ ସୁନା, କୋଷାଧ୍ୟକ୍ଷ ତପନବାଘ ସୂଚନା ଦେଇଛନ୍ତି।


ନବରଙ୍ଗପୁର ଜେଇଏଲସି ଚର୍ଚ୍ଚରେ ପରସ୍ପରକୁ ବଡଦିନର ଶୁଭେଚ୍ଛା ଜଣାଉଛନ୍ତି।

## ଜ୍ୱରରେ ଆକ୍ରାନ୍ତ ଦାଦନ ଶ୍ରମିକଙ୍କ ମୃତ୍ୟୁ

ନବରଙ୍ଗପୁର,୨୫।୧୨(ବି.ପ୍ର.)

ନବରଙ୍ଗପୁର ଜିଲା ପୁଜାରିଗୁଡା ପଞ୍ଚାୟତ ଅଧୀନ କୁସୁମି ଗାଁରେ ଦାଦନ ଖଟି ଫେରିଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଲେ ଡମ୍ବରୁ ଭତ୍ରା (୨୫) । ଆନ୍ଧ୍ରରେ ଦାଦନ ଖଟି ସପ୍ତାହ ହେଲା ଡମ୍ବରୁ ଭତ୍ରା(୨୫) ଘରକୁ ଫେରିଥିଲେ । ମଙ୍ଗଳବାର ରାତିରେ ଜ୍ୱର ହେବାସହ ବୁଧବାର ଛାତିରେ ଯନ୍ତ୍ରଣା ହୋଇଥିଲା। ପୂର୍ବାହ୍ନ ୯ଠାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ଡାକ୍ତରଖାନା ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥବଲେ। ଏନେଇ ନବରଙ୍ଗପୁର ଥାନାରେ ଅପମୃତ୍ୟୁ ମାମଲା ୪୩/୧୯ ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁହସ୍ତାନ୍ତର କରାଯାଇଛି ।

# ଲୁଥେନ ଚର୍ଚ୍ଚରେ ବଡଦିନ ପାଳିତ

ଉମରକୋଟ, ୨୫।୧୨(ଡି.ଏନ.ଏ)

ଉମରକୋଟ ଜେଇଏଲ ଲୁଥେନ ଚର୍ଚ୍ଚରେ ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିବସ ବହୁ ଧୁମଧାମରେ ପାଳନ କରାଯାଇଛି । ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଚର୍ଚ୍ଚରେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ବାଇବେଲ ପାଠ କରିଥିଲେ । କୁନି କୁନି ପିଲାମାନେ ବାଇବେଲର ବାକ୍ୟଗୁଡିକ ପାଠ କରିବା ସହ ଯୀଶୁଙ୍କ ନାମରେ ବହୁ ଗୀତଗୁଡିକ ଗାନ କରିଥିଲେ। । ପାଷ୍ଟର ପ୍ରେମ ମୋହନ ସାଧୁଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରାଯାଇଥିଲା । ଯୀଶୁଙ୍କ ଆଗମନ ନିମନ୍ତେ ବହୁ ଖ୍ରୀଷ୍ଟିୟାନମାନେ ମଙ୍ଗଳବାର ରାତିରେ ଚର୍ଚ୍ଚ ପରିସର ସଜ୍ଜିତ କରି ମଧରାତ୍ର ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଯିଶୁଙ୍କ ଧରାପୃଷ୍ଠରେ ଆଗମନ ପରେ ବୁଧବାର ଚର୍ଚ୍ଚ ମଧ୍ୟରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।


ଚର୍ଚ୍ଚରେ ବାଇବେଲ ପାଠ ଓ ସଙ୍ଗୀତ ଗାନ କରାଯାଉଛି।

# ଯିଶୁଙ୍କ ଧରାବତରଣ, ପ୍ରାର୍ଥନା

ତେନ୍ତୁଳିଖୁଣ୍ଟି,୨୫।୧୨(ଡି.ଏନ.ଏ)

ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଚର୍ଚ୍ଚ, ଗୀର୍ଜାଗୃହ, ପ୍ରାର୍ଥନାକେନ୍ଦ୍ରରେ ଯିଶୁଙ୍କ ଧରାବତରଣ ମଙ୍ଗଳବାର ରାତିରେ ପ୍ରାର୍ଥନା ସହ ଆରମ୍ଭ ହୋଇଛି। ପ୍ରତ୍ୟେକ ଚର୍ଚ୍ଚରେ ମହମବତୀ ଲଗାଇ କେକ କାଟି ଜନ୍ମଦିନ ପାଳନ କରାଯାଇଛି। ଚର୍ଚ୍ଚରେ ପାଷ୍ଟର, ପାଳକମାନେ ବାଇବେଲର ବ୍ୟାଖ୍ୟା ପରିବେଷଣ କରି ଯିଶୁଙ୍କ ଜନ୍ମ ବୃତ୍ତାନ୍ତ ତଥା ତାଙ୍କର ମାନବ ଜାତିକୁ ତାଙ୍କର ବାର୍ତ୍ତା ପାଠ କରିଥିଲେ। ତେନ୍ତୁଳିଖୁଣ୍ଟି କ୍ୟାଥୋଲିକ ଚର୍ଚ୍ଚରେ ଫାଦର ପ୍ରଭାକର, ଲୁଥରାନ ଚର୍ଚ୍ଚରେ ଫାଦର ଭାସ୍କର, ସ୍ୱାଧୀନ ଚର୍ଚ୍ଚରେ ରେଭ ଯୀଶୁଦାନ, କାମତା ଚର୍ଚ୍ଚରେ ପାଳକ ରେଭ ପ୍ରତ୍ୟୁଷ ବଣ୍ଟେ, ହିର୍ମିମୁଣ୍ଡାରେ ବିରାଜଦାନ ନାଗ, ପୂଜାରିଗୁଡାରେ ବୟକ ଶଗରିଆ, ଝିରିଗୁମ୍ମାରେ ଲକ୍ଷ୍ମୀଚନ୍ଦ୍ର ଟାକ୍ରି, ସିନାଇ ଚର୍ଚ୍ଚରେ ପାଳକ ରମେଶ ଗରଡା, ନୂଆଗୁଡାରେ ତୁଷାରକାନ୍ତ ଦାସବାଗ, ଗୌଡଗୁଡାରେ ବ୍ରଜମୋହନ ସୁନା,କର୍ମାଗୁଡାରେ ଭାସ୍କର ଖୁରା, ବିଶାଗୁଡାରେ ଅନୁରଞ୍ଜନ ହିଆଲ, ଖାତିଗୁଡାରେ କିଶୋର ଛତ୍ରିଆ, ଫଟାଗୁଡାରେ ରାଜୀବ ମାଣ୍ଡି,ଖଣ୍ଡିଆଗୁଡାରେ କିଶୋର ଛତ୍ରିଆ, ଫଟାଗୁଡାରେ ରାଜୀବ ମାଣ୍ଡି, ଖଣ୍ଡିଆଗୁଡା ରମେଶ ବାଘ ଆଦି ସ୍ଥାନରେ ଯୀଶୁଙ୍କ ଜନ୍ମଦିନରେ ଯୀଶୁଙ୍କ ବାଣୀ ପାଠ କରିଥିଲେ। ବିଧାୟକ ସଦାଶିବ ପ୍ରଧାନୀ, ବ୍ଲକ ଅଧ୍ୟକ୍ଷା ଦେବକୀ ନାୟକ, ଉପାଧ୍ୟକ୍ଷ ତନୟ ସାଗର ନାୟକ ବିଭିନ୍ନ ଚର୍ଚ୍ଚ ବୁଲି ଖ୍ରୀଷ୍ଟିୟାନମାନଙ୍କୁ ବଡଦିନର ଶୁଭେଚ୍ଛା ଜଣାଇଥିଲେ।



ଚର୍ଚ୍ଚରେ ହୋଇଥିବା ସାଜସଜ୍ଜା

## ଜିଲା ସଦର ମହକୁମା ଡାକ୍ତରଖାନା

# ଗଦା ହୋଇଛି ଆବର୍ଜନା

ନବରଙ୍ଗପୁର,୨୫।୧୨(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଗଦା ହୋଇଛି ଆବର୍ଜନା। ଫଳରେ ଡାକ୍ତରଖାନା ପରିବେଶ ପୂତିଗନ୍ଧମୟ ହୋଇପଡିଛି। ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସର ସଫେଇ ହେଉଛି। ତେବେ ବାୟୋ ୱେଷ୍ଟ (ଆବର୍ଜନା ) ନଷ୍ଟ କରିବା ପାଇଁ ପ୍ଲାଣ୍ଟ ରହିଛି । ତେବେ ସାଧାରଣ ଆବର୍ଜନା ଗୁଡିକ ସଫେଇ ପରେ ଗୋଟିଏ ସ୍ଥାନରେ ଜମା କରି ଦିଆଯାଉଛି। ତାହାକୁ ନଷ୍ଟ କରାଯାଇ ପାରୁ ନାହିଁ । ଏନେଇ କୌଣସି ପଦକ୍ଷେପ ଜିଲା ସଦର ମହକୁମା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇ ନାହିଁ । ସାଧାରଣ ଆବର୍ଜନା ଉଠାଯାଇ ଡାକ୍ତରଙ୍କ ପାଇଁ ନିର୍ମାଣଧିନ ଆବାସ ଓ ଏମସିଏଚ କୋଠାର ଆଗକୁ ରହିଥିବା ରାସ୍ତାର ଉପର ମୁଣ୍ଡରେ ଗଦା କରି ଦିଆଯାଉଛି । ପବନ ଯୋଗୁ ତାହା ବିଭିନ୍ନ ଆଡକୁ ଉଡିବା ସହ ଦୁର୍ଗନ୍ଧ ହେଉଛି। ୫-ଟି ସଚିବଙ୍କ ନବରଙ୍ଗପୁର ଗସ୍ତ ପୂର୍ବରୁ ଆବର୍ଜନାଗୁଡିକ ଡାକ୍ତରଖାନାର ଆମ୍ବୁଲାନ୍ସ ପାର୍କିଂ ନିକଟରେ ଗଦା କରାଯାଇଥିଲା। ରାତାରାତି ମେସିନ ଲଗାଇ ଆବର୍ଜନା ଗୁଡିକ ନବରଙ୍ଗପୁର ମହାବିଦ୍ୟାଳୟର ଖେଳ ପଡିଆ ଆଡକୁ ପକାଇ ଦିଆଗଲା।


ଡାକ୍ତରଖାନା ପରିସରରେ ଗଦା ହୋଇଥିବା ଆବର୍ଜନା।

### ପରିବେଶ ପୂତିଗନ୍ଧମୟ

ଏବେ ତାହା ପ୍ରତିବାଦର ସ୍ୱର ଉଠିଲାଣି । ଏହା ପରେ ଯେଉଁ ସାଧାରଣ ଆବର୍ଜନା ବାହାରୁଛି ତାହାକୁ ଡାକ୍ତରଙ୍କ ଆବାସ କଲୋନୀ ରାସ୍ତା ଉପରମୁଣ୍ଡରେ ଗଦା କରାଯାଉଛି । ସାଧାରଣତଃ ଆବର୍ଜନା ଗୁଡିକ ପୌର ସଂସ୍ଥା ପକ୍ଷରୁ ଉଠାଇ ଡମ୍ପିୟାଡରେ ପକାଇବା ବ୍ୟବସ୍ଥା ରହିଛି । ତେବେ ଜିଲାସଦର ମହକୁମା ଡାକ୍ତରଖାନା ନବରଙ୍ଗପୁର ପୌରାଞ୍ଚଳ ପରିସରରୁ ବାହାରେ ରହିଛି। ନନ୍ଦାହାଣ୍ଡି ବ୍ଲକ ମାଝିଗୁଡା ପଞ୍ଚାୟତ ଅଧିନରେ ରହିଛି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ପୌର ସଂସ୍ଥାକୁ ଆବର୍ଜନା ଉଠାଇବା ପାଇଁ ସହଯୋଗ କାମନା କରୁ ନାହାନ୍ତି । ଏନେଇ ଜିଲା ସ୍ୱାସ୍ଥ୍ୟ ସମିତି ଓ ଅଧ୍ୟକ୍ଷ ତଥା ଜିଲାପାଳ ଗୁରୁତ୍ୱ ପ୍ରଦାନ କରିବାକୁ ଦାବି ହେଉଛି ।



ଭାରତ ନେଟ୍ ସହ ଯୋଡି ହୋଇଥିବା ସବୁ ଗାଁକୁ ମାର୍ଚ୍ଚ ୨୦୨୦ ସୁଦ୍ଧା ମାଗଣା ୱାଇଫାଇ ସେବା ଯୋଗାଣ ନେଇ ଯୋଜନା ରହିଛି।

– ରବି ଶଙ୍କର ପ୍ରଶାଦ, ଆଇଟି ମନ୍ତ୍ରୀ



ଏନ୍‌ଟର୍କ ୧୨୫ ମଡେଲ ବଜାରକୁ ଆସିବା ପରେ ଜେନେରେଶନ ଜେଡ୍ ଗ୍ରାହକଙ୍କ ଅତି ପ୍ରିୟ ହୋଇ ପାରିଛି।

–ଆର୍.ଦିଲୀପ, ଇଭିପି, ଟିଭିଏସ୍ ମୋଟର୍ସ

# ଜିଏସ୍‌ଟି ସ୍ଲାବ୍ ୩କୁ ଖସିପାରେ

ନୂଆଦିଲ୍ଲୀ,୨୫-୧୨




ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ଏବେ ୪ଟି ସ୍ଲାବ ରହିଛି। ଏହାକୁ ସରକାର ୩କୁ ହ୍ରାସ କରିପାରନ୍ତି। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି)ର ଜଣେ ସଦସ୍ୟ ନାମ ଗୋପନ ରଖି ଏନେଇ ସୂଚନା ଦେଇଛନ୍ତି। ଜିଏସ୍‌ଟି ସ୍ଲାବ ସଂଖ୍ୟା ହ୍ରାସ କରିବା ନେଇ ସରକାର ଯୋଜନା କରୁଛନ୍ତି। ଜିଏସ୍‌ଟି ହାରରେ ପରିବର୍ତ୍ତନ ନେଇ ମଧ୍ୟ ପ୍ରସ୍ତାବ ରହିଛି। ଏହି ପ୍ରସଙ୍ଗ ଉପରେ ସରକାର ଚୂଡାନ୍ତ ନିଷ୍ପତ୍ତି ନେବେ। ଆଗାମୀ ଦିନରେ ଜିଏସ୍‌ଟି ପରିଷଦ ବୈଠକ ବସିବାକୁ ଥିବା ବେଳେ ଏହା ସଂଶୋଧିତ ଦର ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ବିଚାର କରିବ। ଜିଏସ୍‌ଟି ସଂକ୍ରାନ୍ତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧିକାରୀ କମିଟି ୧୦ ଏବଂ ୨୦% ଟିକସ ସ୍ଲାବ ନେଇ ପ୍ରସ୍ତାବ ଦେଇଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ କରିଛି। ଏହାବାଦ ୧୮% ସ୍ଲାବରେ ଥିବା କିଛି ସାମଗ୍ରୀକୁ ୨୮% ସ୍ଲାବକୁ ନିଆଯାଇ ପାରିବ ବୋଲି ଏହି କମିଟି ପ୍ରସ୍ତାବ ରଖିଛି।

ଜିଏସ୍‌ଟିର ଟିକସ ଢାଞ୍ଚାରେ ଥିବା ସମସ୍ୟା ଏବଂ ସିଷ୍ଟମର ସରଳୀକରଣ ଏବଂ ପରୋକ୍ଷ ଟିକସ ରାଜସ୍ୱ ବୃଦ୍ଧି ନେଇ ଜିଏସ୍‌ଟି ପରିଷଦ ପରାମର୍ଶ ଦେଇଛି। କିଛି କ୍ଷେତ୍ରରେ କଞ୍ଚାମାଲ ଲାଗି ଅଧିକ ଟିକସ ଏବଂ ଚୂଡାନ୍ତ ପ୍ରଡକ୍ଟ କ୍ଷେତ୍ରରେ ଟିକସ କମିବା ଯୋଗୁ ଇନପୁଟ ଟାକ୍ସ କ୍ରେଡିଟ ବାବଦ ଅଧିକ ଟଙ୍କା ସରକାରଙ୍କୁ ଦେବାକୁ ପଡୁଛି। ଏହି ବାବଦରେ ସରକାର ପ୍ରାୟ ୨୦ ହଜାର କୋଟି ଟଙ୍କା ବ୍ୟବସାୟୀଙ୍କୁ ଦେଉଛନ୍ତି। ଚଳିତ ଆର୍ଥିକ ବର୍ଷରେ ୬୩,୨୦୦ କୋଟି ଟଙ୍କାର ଜିଏସ୍‌ଟି କମିବ ବୋଲି ଆକଳନ କରାଯାଇଛି। ୨୦୨୧ ପର୍ଯ୍ୟନ୍ତ ୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହ୍ରାସ ହେବାର ସମ୍ଭାବନା ରହିଛି। ଚଳିତ ବର୍ଷ ୧୮ ତାରିଖରେ ହୋଇଥିବା ଜିଏସ୍‌ଟି ପରିଷଦ ବୈଠକରେ ଟିକସ ରାଜସ୍ୱ ବଢାଇବା ନେଇ ଆଲୋଚନା ହୋଇଥିଲା। ଜିଏସ୍‌ଟି ଢାଞ୍ଚାରେ ବର୍ତ୍ତମାନ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି କହିଛନ୍ତି। ଜିଏସ୍‌ଟିରେ ପରିବର୍ତ୍ତନ ନେଇ ବର୍ତ୍ତମାନ ଠିକ୍ ସମୟ ନୁହେଁ ବୋଲି ସେ ମତ ଦେଇଥିଲେ। ମାନ୍ଦାବସ୍ଥା ଲାଗି ରହିଥିବାରୁ ଏବେ ରାଜସ୍ୱ କମୁଛି। କେନ୍ଦ୍ର କିମ୍ବା ରାଜ୍ୟ ଏହି ସମୟ ମଧ୍ୟରେ ରାଜସ୍ୱ ବୃଦ୍ଧି ସପକ୍ଷରେ ନ ଥିବା ସେ କହିଛନ୍ତି।

## ଟିକସଦାତାଙ୍କ ଅଭିଯୋଗ ସମାଧାନ ଲାଗି ଆସିବ ବ୍ୟବସ୍ଥା

ଜିଏସ୍‌ଟି ବ୍ୟବସ୍ଥାରେ ଟିକସଦାତାଙ୍କ ଅଭିଯୋଗ ସମାଧାନ କରିବା ଲାଗି ଜିଏସ୍‌ଟି ପରିଷଦ ପକ୍ଷରୁ ଅଭିଯୋଗ ସମାଧାନ ବ୍ୟବସ୍ଥା ଆସିବ। ନିକଟରେ ବସିଥିବା ଜିଏସ୍‌ଟି ପରିଷଦ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଜିଏସ୍‌ଟି ସମ୍ପର୍କିତ ସମସ୍ୟାର ସମାଧାନ ଲାଗି ଏଭଳି ଏକ ବ୍ୟବସ୍ଥା ଆସିବ ବୋଲି ବୁଧବାର ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଜିଏସ୍‌ଟି ପରିଷଦ ପକ୍ଷରୁ ଜୋନାଲ ଏବଂ ରାଜ୍ୟ ସ୍ତରରେ ଗ୍ରିଭାନ୍ସ ରିଡ୍ରେସାଲ କମିଟି(ଜିଆର୍‌ସି) ଗଠନ କରାଯିବ। ଏଥିରେ କେନ୍ଦ୍ରୀୟ ଏବଂ ରାଜ୍ୟ ଟିକସ ପ୍ରଶାସନର ଅଧିକାରୀମାନେ ରହିବେ। ଏହା ସହ ବାଣିଜ୍ୟ ଏବଂ ଶିଳ୍ପଜଗତରୁ ପ୍ରତିନିଧିମାନେ ଏଠାରେ ରହିବେ ବୋଲି ସୂଚନା ରହିଛି। କମିଟିର ସଦସ୍ୟମାନେ ୨ ବର୍ଷ ଲାଗି କାର୍ଯ୍ୟ କରିବେ।

## ୨ ସ୍ଲାବ୍ ନେଇ ନୀତି ଆୟୋଗ ସଦସ୍ୟଙ୍କ ପରାମର୍ଶ

ଜିଏସ୍‌ଟିରେ ୨ ଟିକସ ସ୍ଲାବ ନେଇ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗର ସଦସ୍ୟ ରମେଶ କୁମାର ଚାନ୍ଦ ବୁଧବାର ପରାମର୍ଶ ଦେଇଛନ୍ତି। ସରକାର ଅନେକ ସ୍ଲାବ ପରିବର୍ତ୍ତେ କେବଳ ଦୁଇ ସ୍ଲାବ ରଖିବାର ଆବଶ୍ୟକତା ରହିଥିବା ସେ ମତ ଦେଇଛନ୍ତି। ସେହିଭଳି ବାରମ୍ବାର ଟିକସ ପରିବର୍ତ୍ତନ ହେବା ଦ୍ୱାରା ଏହାର ପ୍ରଭାବ ନକାରାତ୍ମକ ହେଉଛି। ଆବଶ୍ୟକତା ହେଲେ ବାର୍ଷିକ ଥରେ ଟିକସ ହାରରେ ପରିବର୍ତ୍ତନ କରାଯାଇପାରିବ ବୋଲି ଥିବା ସେ କହିଛନ୍ତି।

# ଶୀଘ୍ର ସ୍ୱାସ୍ଥ୍ୟ ବୀମା ପଲିସି କିଣିବା ଭଲ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM] ,CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**■୩୦ ବର୍ଷ ପୂର୍ବରୁ ସ୍ୱାସ୍ଥ୍ୟ ବୀମା ପଲିସି କିଣିବା ଉଚିତ ହେବ କି? କିମ୍ବା ୫୦ ବର୍ଷ ପାଖାପାଖି ହେଲେ କିଣିବା ଭଲ ହେବ। ମୋ ବୟସ ୨୯ ବର୍ଷ ଓ ବିବାହିତା ୨ଟି ପୁଅ ଅଛନ୍ତି। ସ୍ୱାସ୍ଥ୍ୟ ବୀମା ପଲିସି ସମ୍ପର୍କରେ ପରାମର୍ଶ ଦେବାକୁ ଅନୁରୋଧ।**

**– ସୀମାଞ୍ଚଳ ବେହେରା, ସମ୍ବଲପୁର**

◆ପ୍ରତ୍ୟେକ ବ୍ୟକ୍ତି ଏବଂ ପରିବାର ପାଇଁ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ନିହାତି ଆବଶ୍ୟକ। ଏହା କିଣି ହେବା ଉଚିତ ହେବ। ଏବେ ଦିନକୁ ଦିନ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ବଢି ଚାଲିଛି। ସେହିଭଳି ବିଭିନ୍ନ ଜୀବନଶୈଳୀ ଭିତ୍ତିକ ରୋଗ ମଧ୍ୟ ଦେଖାଯାଉଛି। ଏହାକୁ ବିଚାରକୁ ନେଲେ ପରିବାର ପାଇଁ ସ୍ୱାସ୍ଥ୍ୟ ବୀମା ନିତାନ୍ତ ଆବଶ୍ୟକ। ଆକସ୍ମିକ ମେଡିକାଲ ଖର୍ଚ୍ଚ ଦ୍ୱାରା ଯେ କୌଣସି ପରିବାର ପ୍ରଭାବିତ ହୋଇପାରେ। ଯେକୌଣସି ସମୟରେ ମଧ୍ୟ ଏହା ଆସିପାରେ। ଆର୍ଥିକ ଏବଂ ମାନସିକ ଦୃଷ୍ଟିକୋଣରୁ ଏହା ଆପଣଙ୍କ ଉପରେ ଗଭୀର ଭାବେ ପ୍ରଭାବ ପକାଇବ।

ଆମର ପରାମର୍ଶ ଆପଣ ୩୦ ବର୍ଷ ହେବା ଆଗରୁ ସ୍ୱାସ୍ଥ୍ୟ ବୀମା ପଲିସି କିଣି ନେବା ଉଚିତ ହେବ। ୩୦ ବର୍ଷ ପୂର୍ବରୁ ସ୍ୱାସ୍ଥ୍ୟ ବୀମା ପଲିସି ନେବା ଆଗରୁ ନିମ୍ନ ଲିଖିତ ୮ଟି ଦିଗକୁ ଦୃଷ୍ଟି ଦିଅନ୍ତୁ। ଏହାକୁ ଧ୍ୟାନରେ ରଖିଲେ ପଲିସି ସମ୍ପର୍କରେ ବୁଝି ପାରିବେ। ଯେତେ ଶୀଘ୍ର ସମ୍ଭବ ପରିବାର ଲାଗି ସ୍ୱାସ୍ଥ୍ୟ ବୀମା ପଲିସି କିଣନ୍ତୁ।

**୩୦ ବର୍ଷ ପୂର୍ବରୁ ସ୍ୱାସ୍ଥ୍ୟ ବୀମା ପଲିସି କ୍ରୟର ସୁବିଧା:**

➤ ଯେତେ ଶୀଘ୍ର କିଣିବେ ବା କମ୍ ବୟସରୁ କିଣିଲେ ପ୍ରିମିୟମ ରାଶି କମ୍ ହେବ।

➤ ଆପଣଙ୍କ ନିଯୁକ୍ତିଦାତାଙ୍କ ଦ୍ୱାରା ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସୁରକ୍ଷା ଯଥେଷ୍ଟ ହେବ ନାହିଁ।

➤ଜୀବନଶୈଳୀ ଜନିତ ରୋଗ ଦିନକୁ ଦିନ ଅଧିକ ହେବା ଦେଖାଯାଉଛି।

➤ଆପଣ ଯେହେତୁ ଅଧିକ ସମୟ ଅଫିସ କାମ ପାଇଁ ଭ୍ରମଣ କରୁଛନ୍ତି ଆକସ୍ମିକ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ପାଇଁ।

➤ଯେତେ ଶୀଘ୍ର ସ୍ୱାସ୍ଥ୍ୟ ବୀମା ପଲିସି ପରିବାର ପାଇଁ କିଣି ନେବେ ଅର୍ଥାତ ଅଧିକ ତର ଭାବେ ଭଲ ଆର୍ଥିକ ଯୋଜନା କରିପାରିବେ।

➤ଯୁବକ ଅବସ୍ଥାରେ ଭଲ ବ୍ୟାପକ ସ୍ୱାସ୍ଥ୍ୟ ବୀମା ପଲିସି ପାଇପାରିବେ।

➤ଯେତେ ଶୀଘ୍ର କିଣିବେ ଅର୍ଥାତ୍ ଆପଣ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ପାଇପାରିବେ।

➤କେବଳ ହସ୍ପିଟାଲର ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ଅଧିକ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ମଧ୍ୟ ପାଇପାରିବେ।

**■ ମୋ ପୁଅର ଭବିଷ୍ୟତ ପାଇଁ ୩୦ ହଜାର ଟଙ୍କା ଅଧିକ ଲାଭ ମିଳିବା ସ୍କିମରେ ନିବେଶ କରିବାକୁ ଚାହୁଁଛି। ମ୍ୟୁଚୁଆଲ ଫଣ୍ଡରେ କିଛି ଭଲ ସ୍କିମ ଅଛିକି। ଏସ୍ଆଇପି କରିବା ଠିକ୍ ହେବ କି?**

**– ସୋନାଲି ମିଶ୍ର**

◆ଆପଣଙ୍କର ସଞ୍ଚୟ କରିବାର ମନୋଭାବ ଏବଂ ପଦକ୍ଷେପ ଯାହାକି ଆପଣଙ୍କ ପୁଅର ଭବିଷ୍ୟତ ପାଣ୍ଠି ଗଠନ ଲାଗି ଉତ୍ସାହଜନକ। କିନ୍ତୁ ପ୍ରଥମତଃ ଆପଣ ପୁଅର ଭବିଷ୍ୟତ ପାଠପଢା ପାଇଁ ସୁନିଶ୍ଚିତ ପାଣ୍ଠି ଗଠନ ସୁରକ୍ଷାକୁ ଦୃଷ୍ଟିଦେବା ଆବଶ୍ୟକ। ଭବିଷ୍ୟତ ପାଠପଢା ଖର୍ଚ୍ଚକୁ ସୁନିଶ୍ଚିତ ଓ ସୁରକ୍ଷିତ କରିବା ଲାଗି ବୀମା ପଲିସି କିଣିବା ଉଚିତ। କାରଣ ପୁଅର ଭବିଷ୍ୟତ ଉଚ୍ଚ ଶିକ୍ଷା ଖର୍ଚ୍ଚ ପାଇଁ ଠିକ୍ ସମୟରେ ଠିକ୍ ପଦକ୍ଷେପ ଏକାନ୍ତ ଜରୁରୀ।

ଆପଣ ଏକକାଳୀନ ୩୦ହଜାର ଟଙ୍କା ନିବେଶ କରିପାରିବେ କିମ୍ବା ଏସ୍ଆଇପି (ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ) ମାଧ୍ୟମରେ ନିବେଶ କରିପାରିବେ । ମ୍ୟୁଚୁଆଲ ଫଣ୍ଡ ନିବେଶ ପ୍ରତି ବଜାର ସହିତ ଜଡିତ ଓ ରିସ୍କ ମଧ୍ୟ ଅଛି । ରିସ୍କ ନିୟମରେ ଭଲ ଭାବରେ ବୁଝିନେବା ଉଚିତ ହେବ । ମ୍ୟୁଚୁଆଲ ଫଣ୍ଡରେ ଆପଣ ଆକ୍ସିସ ବ୍ଲୁଚିପ ଫଣ୍ଡ, ମିରାଇ ଆସେଟଲାର୍ଜକ୍ୟାପ ଫଣ୍ଡ, ଏଡ୍ଲେୱିସ ଲାର୍ଜକ୍ୟାପ ଫଣ୍ଡ ଓ କାନାରା ରୋବେକୋ ବ୍ଲୁଚିପ୍ ଇକ୍ୟୁଟି ଫଣ୍ଡ ନିବେଶ ପାଇଁ ଚୟନ କରିପାରନ୍ତି । ଆମର ପରାମର୍ଶ ଆପଣ ମ୍ୟୁଚୁଆଲ ଫଣ୍ଡ ସମୟ ରିସ୍କ ନିୟମ ବଝି ଜଣେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ଼ ଫାଇନାନସିଆଲ ପ୍ଲାନରଙ୍କ ସହ ଆଲୋଚନା ଓ ସମୀକ୍ଷା କରି ନିବେଶ କରିବା ଉଚିତ ହେବ।

**■ମୋର ଗୃହଋଣ ପାଇଁ ପଇଠ କରୁଥିବା ମାସିକ କିସ୍ତିକୁ ଆୟକର ସୁବିଧା ପାଇପାରିବେ କି ? କେତେ ଟଙ୍କାର ସୁବିଧା ପାଇବି ?**

**–ମାନସ ମିତ୍ର , କଟକ**

◆ଆପଣ ମାସିକ ଗୃହଋଣ ପଇଠ କରୁଥିବା ରାଶି ଭିତରେ ମୂଳଧନ ଓ ସୁଧରାଶି ମିଶିକରି ଥାଏ । ଏକ ଆର୍ଥିକ ବର୍ଷରେ ଯଦି ଆପଣ ସର୍ବାଧିକ ୧.୫ ଲକ୍ଷ ଟଙ୍କା ମୂଳଧନ ପଇଠ କରି ଯାହାକି ଆୟକର ନିୟମ ୪/୫ ବିଓସି ଅନ୍ତର୍ଭୁକ୍ତ ଓ ସୁଧରାଶି ସର୍ବାଧିକ ୨ଲକ୍ଷ ଟଙ୍କା ପଇଠ କରି ଯାହାକି ଆୟକର ନିୟମ ୪/୫ ୨୪ (ବି) ଅନୁଯାୟୀ ସୁବିଧା ପାଇ ପାରିବେ ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ
ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

# ଟାଟା ସନ୍ସ ଅଧ୍ୟକ୍ଷ ପଦବୀକୁ ଫେରିବାକୁ ଇଚ୍ଛୁକ ନୁହନ୍ତି ମିସ୍ତ୍ରି

ନୂଆଦିଲ୍ଲୀ,୨୫-୧୨

ଟାଟା ସନ୍ସର ଅଧ୍ୟକ୍ଷ ପଦବୀକୁ ପୁଣି ଫେରିବାକୁ ସାଇରସ ମିସ୍ତ୍ରି ଇଚ୍ଛୁକ ନ ଥିବା ଜଣାପଡିଛି। ଏକ ଜାତୀୟ ମୁଦ୍ରିତ ଗଣମାଧ୍ୟମରେ ଏ ସମ୍ପର୍କରେ ଏକ ଖବର ପ୍ରକାଶ ପାଇଛି। ଏକ ବିବାଦୀୟ ପରିସ୍ଥିତିରେ ୨୦୧୬ରେ ମିସ୍ତ୍ରିଙ୍କୁ ଟାଟା ସନ୍ସ ଅଧ୍ୟକ୍ଷ ପଦବୀରୁ ହଟାଯାଇଥିଲା। ଏହି ମାମଲାରେ ମିସ୍ତ୍ରି କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲରେ ଆବେଦନ କରିଥିଲେ। ଟ୍ରିବ୍ୟୁନାଲ ୧୮ ଡିସେମ୍ବରରେ ମିସ୍ତ୍ରିଙ୍କ ସପକ୍ଷରେ ରାୟ ଦେବା ସହ ପୁଣି ଥରେ ଟାଟା ସନ୍ସ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ କରିବା ସହ ଟାଟା ସନ୍ସକୁ ଏହି ମାମଲାର ଚ୍ୟାଲେଞ୍ଜ କରିବା ଲାଗି ୪ ସପ୍ତାହ ସମୟ ଦେଇଛନ୍ତି। ସେହିଭଳି ଟାଟା ସନ୍ସକୁ ଏକ ଘରୋଇ କମ୍ପାନୀ ଭାବେ ପରିବର୍ତ୍ତନ କରିବାକୁ ଟ୍ରିବ୍ୟୁନାଲ ବେଆଇନ ଭାବେ ଦର୍ଶାଇଛନ୍ତି। ରାୟର ବେଆଇନ ଶବ୍ଦକୁ ସଂଶୋଧନ କରିବା ଲାଗି କେନ୍ଦ୍ର କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ରେଜିଷ୍ଟ୍ରାର ଅଫ କମ୍ପାନିଜ୍ ପୁଣି ଥରେ ଆବେଦନ କରିଛି। ସୂଚନାଯୋଗ୍ୟ, ଟାଟା ସନ୍ସରେ ମିସ୍ତ୍ରିଙ୍କ ପରିବାରର ୧୮.୪% ଅଂଶଧନ ରହିଛି।



ସାଇରସ ମିସ୍ତ୍ରି।

# ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଉପରେ ୨୩୦ କୋଟି ଟଙ୍କାର ଜରିମାନା



**ନୂଆଦିଲ୍ଲୀ,୨୫-୧୨:** ଜନ୍‌ସନ ଆଣ୍ଡ ଜନ୍‌ସନ୍ କମ୍ପାନୀ ଉପରେ ନ୍ୟାଶନାଲ ଆଣ୍ଟି ପ୍ରଫିଟିୟରିଂ ଅଥରିଟି (ଏନ୍‌ଏଏ) ୨୩୦.୪୧ କୋଟି ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଏସ୍‌ଟି ହ୍ରାସ ପରେ ଏହାର ପ୍ରକୃତ ଫାଇଦା ଲୋକଙ୍କୁ ନ ଦେବା କାରଣରୁ କମ୍ପାନୀ ଉପରେ ଏଭଳି ଜରିମାନା ଜାରି କରାଯାଇଛି। ଜିଏସ୍‌ଟି ହ୍ରାସ ପରେ କମ୍ପାନୀ ଏହାର ପ୍ରଡକ୍ଟ ମୂଲ୍ୟ ନିର୍ଦ୍ଧାରଣ କରିବା ବେଳେ ଭୁଲ ପଦ୍ଧତି ଆପଣାଇଥିବା ଏନ୍‌ଏଏ କହିଛନ୍ତି। ୨୦୧୭ ନଭେମ୍ବର ୧୫ ପରଠାରୁ କିଛି ସାମଗ୍ରୀ ଉପରେ ଜିଏସ୍‌ଟି ୨୮%ରୁ ୧୮%କୁ ହ୍ରାସ ଘଟିଥିଲା। ଏହି ସମୟରେ କମ୍ପାନୀ ଗ୍ରାହକଙ୍କୁ ଲାଭ ଦେଇ ନ ଥିବା ଏନ୍‌ଏଏ ସୂଚନା ଦେଇଛି। ଏଭଳି ଘଟଣାରେ ପୂର୍ବରୁ ପିଆଣ୍ଡଜି ଉପରେ ୨୫୦ କୋଟି, ନେସ୍‌ଲେ ଇଣ୍ଡିଆ ଉପରେ ୧୦୦ କୋଟି ଜରିମାନା ଧାର୍ଯ୍ୟ କରାଯାଇଛି।

# କ୍ଷୁଦ୍ର ଡିଜିଟାଲ ନେଣଦେଣ ପାଇଁ ଆର୍‌ବିଆଇର ନୂଆ ବ୍ୟବସ୍ଥା

**ନୂଆଦିଲ୍ଲୀ,୨୫-୧୨:** କ୍ଷୁଦ୍ର ଡିଜିଟାଲ ନେଣଦେଣ ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ବ୍ୟବସ୍ଥା ଆରମ୍ଭ ହୋଇଛି। ସାମଗ୍ରୀ ଓ ସେବା କ୍ରୟ ଲାଗି ନୂଆ ସେମି କ୍ଲୋଜଡ ପ୍ରିପେଡ ପେମେଣ୍ଟ ଇନଷ୍ଟ୍ରୁମେଣ୍ଟ(ପିପିଆଇ) ଆସିଥିବା ବେଳେ ଏହାର ନେଣଦେଣ ସୀମା ୧୦ ହଜାର ଟଙ୍କା ରହିଛି। କେବଳ ବ୍ୟାଙ୍କ ଆକାଉଣ୍ଟରୁ ଏହି ଇନଷ୍ଟ୍ରୁମେଣ୍ଟରେ ଅର୍ଥ ଲୋଡିଂ ଲାଗି ଲିଙ୍କ୍ କରାଯାଇ ପାରିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଚଳିତ ମାସରେ ମୁଦ୍ରା ନୀତି ସମୀକ୍ଷା ବେଳେ ଏଭଳି ଏକ ଟୁଲ୍ ଆଣିବା ନେଇ ରିଜର୍ଭ ବ୍ୟାଙ୍କ କହିଥିଲା। କ୍ଷୁଦ୍ର ଡିଜିଟାଲ ପେମେଣ୍ଟର ପ୍ରୋତ୍ସାହନ ଏବଂ ୟୁଜର ଅଭିଜ୍ଞତାକୁ ଉନ୍ନତ କରିବା ଲାଗି ଏଭଳି ଏକ ପଦକ୍ଷେପ ନିଆଯାଇଥିବା ଆର୍‌ବିଆଇ କହିଛି। ଏହି ଟୁଲ୍‌କୁ ବ୍ୟାଙ୍କ ଏବଂ ଅଣ ବ୍ୟାଙ୍କିଙ୍ଗ ପ୍ରତିଷ୍ଠାନମାନେ ପ୍ରଦାନ କରିପାରିବେ। ପିପିଆଇ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ବିଶେଷଙ୍କୁ ମୋବାଇଲ ନମ୍ବର ସହ ଆଉ କିଛି ଆବଶ୍ୟକ କାଗଜପତ୍ର ଦେବାକୁ ପଡିବ।





ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ,
ସୁବର୍ଣ୍ଣପୁର ବନଖଣ୍ଡ, ସୁବର୍ଣ୍ଣପୁର

OFFICE OF THE DIVISIONAL FOREST OFFICER, SUBARNAPUR FOREST DIVISION

At : Patabhadi, Po : Sonepur, Dist.- Subarnapur, Pin-767017
Phone : 06654-220501, e-mail : dfosubarnapur@gmail.com

EXPRESSION OF INTEREST

1. The Divisional Forest Officer-cum-Member Secretary, District Bamboo Development Agency, Subarnapur District invites expression of interest in sealed cover (Bio-Data) of Bamboo Artisan / Entrepreneur and Bamboo Farmer for implementation of National Bamboo Mission in the District. Interested persons are requested to submit the Bio-Data in the O/o the Divisional Forest Officer, Subarnapur Forest Division on or before **6th January, 2020.**
2. The Divisional Forest Officer-cum-Member Secretary, "City Lungs", / Eco-Park Subarnapur District invites expression of interest in sealed cover from intending Govt. own agencies/Govt. Organizations/Private Registered Firm/organization/Person having experience in Eco-Park / City Lungs designing. Interested persons are requested to contact for details in the O/o the Divisional Forest Officer, Subarnapur Forest Division on or before **6th January, 2020**

Sd./-
Divisional Forest Officer
Subarnapur Forest Division



ଜିଲ୍ଲା ଯୋଗାଣ ନିଗମ ଲିଃ. କେନ୍ଦ୍ରାପଡ଼ା
ଧାନ କ୍ରୟ ନିମନ୍ତେ ବିଜ୍ଞାପନ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ, ଚଳିତ ଖରିଫ ବର୍ଷ ୨୦୧୯-୨୦ ନିମନ୍ତେ ତା.୨୭।୧୨।୨୦୧୯ରିଖ ଠାରୁ ଯୋଗାଣ ନିଗମ ଜରିଆରେ ଜିଲ୍ଲାର ନିମ୍ନଲିଖିତ ୧୧୬ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଇଅଛି। ଧାନକ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ, କ୍ରୟ ଦିବସ ଓ କ୍ରୟ କେନ୍ଦ୍ରକୁ ସଂଯୁକ୍ତ କରାଯାଇଥିବା ଗ୍ରାମ ପଞ୍ଚାୟତର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ) ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରେ ସରକାରଙ୍କର ନିୟମାନୁଯାୟୀ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ, ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ଅନ୍ୟ ସମସ୍ତ ଦିବସରେ ଧାନ ବିକ୍ରୟ କରିପାରିବେ। ଧାର୍ଯ୍ୟ ଦିନଗୁଡିକରେ ସକାଳ ୮ ଘଟିକା ଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ବିକ୍ରୟ କରିପାରିବେ। ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ। (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା।

| ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| • ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| • କାଠି, କୁଟା, ଧୁଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| • ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% |
| • ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| • ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬.୦% |
| • ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |
| • ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ:- | |
| • ଏଫ୍.ଏ.କ୍ୟୁ. ମାନର ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର | ଟ. ୧୮୧୫.୦୦ |
| • ଗ୍ରେଡ୍ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର | ଟ. ୧୮୩୫.୦୦ |

ପ୍ରାଥମିକ କୃଷି ସମବାୟ ସମିତିର ତାଲିକା

| କ୍ରମିକ ନମ୍ବର | (PACS) ଧାନ କ୍ରୟ କେନ୍ଦ୍ରର ନାମ ଓ ସଂପୃକ୍ତ ଅଧିକାରୀଙ୍କ ଫୋନ୍ ନଂ | | ସଂଲଗ୍ନ ଗ୍ରାମ ପଞ୍ଚାୟତ |
|---|---|---|---|
| | **୧. କେନ୍ଦ୍ରାପଡ଼ା ବ୍ଲକ୍–** | | |
| ୧ | ଆୟେବା – ୯୪୩୭୭୯୪୫୫୪ | : | ଆୟେବା, ପୁରୁଷୋତ୍ତମପୁର, ଗଙ୍ଗାରାମପୁର |
| ୨ | ବଗଡା – ୮୮୯୫୩୭୫୪୩୦ | : | ବଗଡା, କଳପଡା |
| ୩ | ବାରୋ– ୯୫୫୬୦୩୬୯୬୬ | : | ବାରୋ, କୋରୋ |
| ୪ | ଭରତପୁର – ୯୯୩୭୭୫୨୮୨୧ | : | ଭରତପୁର, ଶ୍ୟାମସୁନ୍ଦରପୁର, ଚକ୍ରୋଡା |
| ୫ | ଚଉଦକୁଳାଟ – ୯୪୩୯୬୯୮୪୨୨ | : | ଚନ୍ଦନପୁର, କେଶପୁର, ସାନମାଣତିଆ, ପଳସିଂହା |
| ୬ | ଗୁଲ୍‌ନଗର – ୯୭୭୭୮୯୪୨୪୧ | : | ଗୁଲ୍‌ନଗର, କପାଳେଶ୍ୱର |
| ୭ | ଇନ୍ଦୁପୁର – ୯୧୭୮୯୫୩୭୬୮ | : | ଇନ୍ଦୁପୁର, ଧୁମାନ୍ତ, ଚାରିଗାଁ, ନିକିରାଇ |
| ୮ | ଜମଧର – ୮୩୨୮୮୬୪୮୬୯ | : | ଜମଧର, ଭାଗବତପୁର, ଚକ୍ରୋଡା, ଶ୍ୟାମସୁନ୍ଦରପୁର |
| ୯ | କୋର – ୮୩୨୭୭୭୧୨୩୧ | : | କୋର |
| ୧୦. | ଓସ୍ତପୁର – ୯୯୩୭୯୪୩୧୨୬ | : | ଓସ୍ତପୁର, କଂସାର |
| ୧୧. | କୁତୁରଙ୍ଗ – ୯୯୩୭୯୩୪୦୪୨ | : | ଡୋଲ, ନିକିରାଇ, କୁତୁରଙ୍ଗ |
| | **୨. ଡେରାବିଶ୍ ବ୍ଲକ୍** | | |
| ୧୨. | ଦାନପୁର – ୯୯୩୮୨୮୭୮୪ | : | ଦାନପୁର, ଚାନ୍ଦୋଳ, ଖମୋଳ, ମୁକୁନ୍ଦପୁର, ଜଆଁରାବାରିମୂଳ |
| ୧୩. | ଗୋଲରାହାଟ – ୯୧୭୮୩୨୮୨୩୫ | : | ଗୋଲରାହାଟ, ବାଲିଆ, ଲକ୍ଷ୍ମୀନାରାୟଣପୁର |
| ୧୪. | କପିଳେଶ୍ୱର – ୯୯୩୮୦୬୧୯୬୧ | : | ଜଆଁରା ବାରିମୂଳ, ଇନ୍ଦୋଳ, ହରିଅଙ୍କ |
| ୧୫. | କୁଶିଆପାଳ – ୯୪୩୭୩୧୪୦୧୫ | : | କୁଶିଆପାଳ, ଗୁହାଳସିଂହ, ବାରିମୂଳ |
| ୧୬. | କାଉପଡା – ୯୪୩୭୦୬୩୮୯୨ | : | କାଉପଡା, ଚାଟରାଚକଡା, ଗୋଲରାହାଟ, କୁରୁଜଙ୍ଗା |
| ୧୭. | ଏଣ୍ଡର – ୯୭୭୭୩୨୮୯୪୯ | : | ଏଣ୍ଡର, ନରସିଂହପୁର, ଲକ୍ଷ୍ମୀନାରାୟଣପୁର |
| ୧୮. | ନହଙ୍ଗ – ୯୪୩୭୧୩୦୬୩୯ | : | ନହଙ୍ଗ, ଛୋଟି, କୁରୁଜଙ୍ଗା |
| ୧୯. | ପଲ୍ଲେଇ – ୯୯୩୭୨୩୮୪୬୫ | : | ପଲ୍ଲେଇ, ଗୋଲରାହାଟ, ଚାନ୍ଦୋଳ, ଖମଳ |
| ୨୦. | ରଘୁଦେଇପୁର – ୯୦୯୦୩୩୯୪୯୧ | : | ବେଣୀପୁର, ମଙ୍ଗଳପୁର, କୁରୁଜଙ୍ଗା, ରଘୁଦେଇପୁର, ଲକ୍ଷ୍ମୀନାରାୟଣପୁର |
| ୨୧ | ରତାଦିଆ ଖଣ୍ଡସାହି – ୯୯୩୭୧୭୦୬୬୯ | : | ରତାଦିଆ ଖଣ୍ଡସାହି, ବସପୁର, ଦାନପୁର |
| | **୩. ମହାକାଳପଡା ବ୍ଲକ** | | |
| ୨୨ | ଅଳାଇଲୋ – ୯୯୩୭୭୨୨୨୫୨ | : | ଅଳାଇଲୋ, ରାଜଗଡ, ଦେଉଳପଡା |
| ୨୩ | ବାରଡାଙ୍ଗ – ୮୩୨୭୭୬୭୦୩୨ | : | ବାରଡାଙ୍ଗ, ବଉଳକଣି, ଜମ୍ବୁ |
| ୨୪. | ବେଣାକନ୍ଧା – ୯୯୩୮୨୦୩୪୭୨ | : | ବହଡିହ, ସୁନିତି, ଗୋଗୁଆ |
| ୨୫ | ବିଜୟନଗର – ୯୯୩୮୫୦୯୭୩୩ | : | ବିଜୟ ନଗର, ଦେଉଳିପଡା, ବଳିପାଳ |
| ୨୬ | ଛତର – ୯୯୩୮୨୮୮୦୨୫ | : | ବହଡିହ, ବଳିପାଳ |
| ୨୭ | ଯଦୁପୁର – ୯୯୩୮୬୪୮୬୩୫ | : | ଯଦୁପୁର, ଜୟଚନ୍ଦ୍ରପୁର, ତେରଗାଁ |
| ୨୮ | କରମକୁଳ – ୯୧୭୮୪୭୧୮୮୪ | : | ବଡକୁଳ |
| ୨୯ | କୋଚିଳା – ୭୯୭୮୦୭୮୭୭୫ | : | ରାମନଗର, ବରକନ୍ଧା |
| ୩୦ | ମହାକାଳପଡା – ୯୭୭୭୭୨୧୩୬୨ | : | ମହାକାଳପଡା |
| ୩୧ | ମଙ୍ଗଳପୁର – ୯୪୩୯୮୮୭୪୩୪ | : | ମଙ୍ଗଳପୁର, ବରକନ୍ଧା, ଖରନାସୀ, ବତୀଘର |
| ୩୨ | କୋରଟପଙ୍ଗା – ୯୯୩୭୫୯୭୪୩୩ | : | ପାଟକିପଙ୍କ, ଟିକରପଙ୍ଗା, ଖୁରୁସିଆ |
| ୩୩ | ରଡିଆ – ୯୯୩୮୧୭୮୦୮୩ | : | ବଡିହ, ବିଜୟନଗର |
| ୩୪ | ବରକନ୍ଧା – ୮୬୫୮୬୨୨୫୮୫ | : | ବରକନ୍ଧା, ଖରନାସି, ମଙ୍ଗଳପୁର, ବତୀଘର |
| ୩୫ | ପାଟକିପଙ୍କ – ୯୮୬୧୫୫୭୬୪୯ | : | ପାଟକିପଙ୍କ, ଖୁରୁସିଆ |
| ୩୬ | ନାଞ୍ଚୁରା – ୭୮୯୪୦୬୮୯୩୨ | : | ଗୋଗୁଆ, ସୁନିତୀ |
| ୩୭ | ଅମେଇପାଳ – ୯୯୩୮୧୯୭୫୩୩ | : | ଡିଖିରୀ, ଅମେଇପାଳ |
| ୩୮ | ତରାଦେଇପୁର – ୭୭୫୦୦୫୧୨୯୯ | : | ଟିକରପଙ୍ଗା, ତେରଗାଁ |
| ୩୯ | ଗଡରୋମିତ – ୮୮୯୫୬୧୧୪୫୮ | : | ଟିକରପଙ୍ଗା, ତେରଗାଁ |
| ୪୦ | କରଞ୍ଜ – ୯୯୩୮୬୨୯୬୦୫ | : | କରଞ୍ଜ |
| ୪୧ | ମଧୁରଗଣ୍ଡ – ୭୮୯୪୮୫୩୬୪୦ | : | ଅମେଇପାଳ, ଖୁରୁସିଆ |
| ୪୨ | ନୂଆଗାଁ – ୮୧୧୭୮୬୬୪୪୧ | : | ଡିଖିରୀ ଅମେଇପାଳ |
| ୪୩ | ତେରଗାଁ – ୯୭୭୭୪୭୧୦୪୧ | : | ତେରଗାଁ |
| ୪୪ | ବଡକୁଳ – ୯୫୫୬୩୮୯୬୨୬ | : | ବଡକୁଳ |
| ୪୫ | ବେନ୍ଦୁପାଳ : ୯୯୩୭୦୭୩୮୮୧ | : | ବଡକୁଳ, କରଞ୍ଜ |
| | **୪. ମାର୍ଶାଘାଇ ବ୍ଲକ୍** | | |
| ୪୬ | ଅନ୍ତେଇ – ୮୬୩୭୨୩୧୭୮୫ | : | ଅନ୍ତେଇ, ତାଳସଙ୍ଗା, ମଙ୍ଗରାଜପୁର, ବେରୁହାଁ |
| ୪୭ | ବଟିରା – ୭୮୯୪୪୬୬୯୧୧ | : | ବଟିରା, ଅନ୍ତେଇ, ମଙ୍ଗରାଜପୁର |
| ୪୮ | ଦୁମୁକା – ୭୮୯୪୩୫୭୩୩୬ | : | ଦୁମୁକା, ଦଶିପୁର, ମାର୍ଶାଘାଇ |
| ୪୯ | ଗରଜଙ୍ଗା – ୭୦୦୮୩୧୦୫୨୩ | : | ଗରଜଙ୍ଗା, ତାଳସଙ୍ଗା, ବେରୁହାଁ |
| ୫୦ | ଜମପଡା – ୯୯୩୮୧୫୨୩୯୭ | : | ଜମପଡା, ମେହେନ୍ଦିନଗର, ଆଇତିପୁର |
| ୫୧ | ମାର୍ଶାଘାଇ – ୯୦୯୦୧୯୩୦୬୫ | : | ମାର୍ଶାଘାଇ, ମଣିକୁଣ୍ଡା, ଶିଳିପୁର, ପରକୁଳା |
| ୫୨ | କୁହୁଡି – ୯୪୩୭୧୮୩୩୧୨ | : | କୁହୁଡି, ଅଙ୍ଗୁଳାଇ |
| ୫୩ | କରିଲୋପାଟଣା – ୯୯୩୭୧୬୨୭୯୪ | : | କରିଲୋପାଟଣା, ଜଳପୋକ, ଆଇତିପୁର |
| ୫୪ | ବଛରାଇ – ୯୯୩୭୩୦୭୫୬୧ | : | ବଛରାଇ, ବନ୍ଧକଟା, ମଣିକୁଣ୍ଡା |
| ୫୫ | ଆଖୁଆ ଦକ୍ଷିଣି – ୯୯୩୮୩୦୬୨୧୧ | : | ଆଖୁଆ ଦକ୍ଷିଣି, ରାଘବପୁର, ପରକୁଳ |
| | **୫. ରାଜନଗର ବ୍ଲକ** | | |
| ୫୬ | ବଡନୌକଣା – ୯୯୩୭୩୧୦୮୫୪ | : | ବ୍ରାହ୍ମଣସାହି |
| ୫୭ | ଭାଟପଡା – ୭୩୭୭୪୯୮୭୯୪ | : | ବନ୍ଧପଡା, ସାନବଡଗୋପାଳପୁର |
| ୫୮ | ଚାନ୍ଦିବାଉଁଶମୂଳ – ୯୯୩୭୨୩୩୧୪୧ | : | ଚାନ୍ଦିବାଉଁଶମୂଳ, କଣ୍ଡିଆ |
| ୫୯ | ଡାଙ୍ଗମାଳ – ୭୭୩୫୭୪୦୮୭୮ | : | ଈଶ୍ୱରପୁର, ଡାଙ୍ଗମାଳ, କଣ୍ଡିଆ |
| ୬୦ | ଡେରା – ୯୧୭୮୨୦୫୭୪୬ | : | ଡେରା, ବ୍ରାହ୍ମଣସାହି |
| ୬୧ | କୋଇଲିପୁର – ୯୪୩୮୪୩୩୮୫୭ | : | କୋଇଲିପୁର |
| ୬୨ | କୁରୁଣ୍ଟି – ୬୩୭୦୨୩୫୧୪୮ | : | କୁରୁଣ୍ଟି, ମହୁଲିଆ, ଡେରା, ବ୍ରାହ୍ମଣସାହି |
| ୬୩ | ନୋଧାବସନ୍ତ – ୯୯୩୭୨୮୨୫୬୯ | : | କୁରିଣ୍ଟି, ଡେରା, ଚାନ୍ଦିବାଉଁଶମୂଳ |
| ୬୪ | ତାଳଚୁଆ – ୯୪୩୭୯୦୦୫୫୯ | : | ତାଳଚୁଆ, ରଙ୍ଗଣି |
| ୬୫ | ଓସ୍ତିଆ – ୮୯୦୮୩୧୭୦୫୭ | : | ଓସ୍ତିଆ, ବାଲିସାହିପାଟଣା, ବନ୍ଧପଡା |
| ୬୬ | ରାଜନଗର – ୯୧୭୮୫୦୧୫୨୯ | : | ରାଜନଗର, ମହୁଲିଆ |
| ୬୭ | ଗୋପାଳପୁର – ୯୯୩୭୦୯୩୯୯୮ | : | ଗୁପ୍ତି, ସାତଭାୟା |
| ୬୮ | ବାଲିସାହିପାଟଣା – ୯୪୩୭୬୦୫୦୩୯ | : | ବାଲିସାହିପାଟଣା, ଓସ୍ତିଆ, ସାନବଡ଼ଗୋପାଳପୁର |
| | **୬. ପଟ୍ଟାମୁଣ୍ଡାଇ ବ୍ଲକ୍ –** | | |
| ୬୯ | ବଡମୂଳବସନ୍ତ – ୯୦୯୦୨୫୬୦୪୦ | : | ବଡମୂଳବସନ୍ତ, ଗାଙ୍ଗପଡା, ନୀଳକଣ୍ଠପୁର, ପେଣ୍ଠପାଳ, ତରଡିପାଳ, ଅଳପୁଆ, ସିଂଘଗାଁ, ଅଣ୍ଡରା, ଅମୃତମଣୋହି, ବଲୁରିଆ |
| ୭୦ | ଖଡିଅଣ୍ଡା – ୯୯୩୮୩୧୧୬୦୭ | : | ଖଡିଅଣ୍ଡା, ବାଲିପାଟଣା, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି |
| ୭୧ | ଡାମରପୁର – ୯୭୭୭୭୪୪୨୨୩ | : | ଡାମରପୁର, ଶ୍ରୀରାମପୁର, ବଳଭଦ୍ରପୁର |
| ୭୨ | ଶ୍ୟାମସୁନ୍ଦରପୁର – ୯୩୩୭୯୬୧୭୩୫ | : | ଦୋସିଆ, ବିଲିକଣା, |
| ୭୩ | ସଂସାରଫଳ – ୮୬୩୭୨୪୦୫୮୨ | : | ସଂସାରଫଳ, ଖନତା |
| ୭୪ | ଓଉପଡା – ୯୯୩୭୩୪୨୨୪୬ | : | ଓଉପଡା, ଖନତା, ବିଲିକଣା |
| ୭୫ | ନରସିଂହପୁର – ୯୯୩୮୭୯୫୭୪୯ | : | ନରସିଂହପୁର, ଡିହପଡା |
| ୭୬ | ଅଳଭା – ୯୧୧୪୪୮୦୩୪୦ | : | ଶାସନ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି |
| ୭୭ | ଚନ୍ଦନନଗର – ୯୯୩୮୦୦୧୭୮୮ | : | ଚନ୍ଦନନଗର, ଶାସନ, ସଂସାରଫଳ, ଖନତା |
| ୭୮ | ସାନଜରିଆ : ୯୯୩୭୫୭୮୯୧୮ | : | ସାନଜରିଆ, ଅରଡାପଲ୍ଲୀ, ବଡମୋହନପୁର |
| ୭୯ | ବଡ଼ପଡା – ୭୬୮୪୦୫୩୩୪୧ | : | ବଡପଡା, ଦେହୁଡିପୁର, ଦୋଷିଆ |
| ୮୦ | ତେରୋହି : ୭୬୦୯୯୪୮୯୬୨ | : | ବିଲିକଣା |
| | **୭. ଆଳି ବ୍ଲକ୍ –** | | |
| ୮୧ | ଦେମାଳ – ୯୭୭୭୬୦୬୦୭୮ | : | ଦେମାଳ, ନିଆଳ, ଟୁଙ୍ଗା |
| ୮୨ | ବାଟିପଡା – ୭୮୯୪୯୭୦୮୭୫ | : | ବାଟିପଡା, ସାନମଙ୍ଗ, ନୂଆପଡା, ସହିରା, ଡିମିରିପାଳ, ଅଙ୍ଗାଳ, ଭୂଇଁପୁର, ଗୋବିନ୍ଦପୁର, କୁଆଁଣିଆ, ପେତପଡା, ଏରଡାଙ୍ଗ, କେତୁଆପାଳ |
| ୮୩ | ପତ୍ରପୁର – ୯୯୩୭୯୭୧୩୩୨ | : | ପତ୍ରପୁର, ନରେନ୍ଦ୍ରପୁର, ସହିରା, ସିଙ୍ଗିରି, ବାଛୁରା |
| ୮୪ | ସିଙ୍ଗିରି – ୯୯୩୮୧୨୮୯୧୭ | : | ସିଙ୍ଗିରି, ଚଣ୍ଡିଆଗଡ଼ି, ମାଣିକପାଟଣା, ଅରେଇକଣା |
| ୮୫ | ନୂଆଗାଁ – ୯୭୭୬୫୩୫୯୫୫ | : | ବାଳକାଟି, ବାଦାମବିଲ |
| ୮୬ | ଭୁଇଁପୁର – ୯୫୮୩୬୨୨୩୩୦ | : | ସଂସିଦ୍ଧା, ଭୁଇଁପୁର, କଳସପୁର, ଟୁଙ୍ଗା |
| ୮୭ | ମହୁ – ୮୪୫୮୦୭୩୭୬୩ | : | ମହୁ, କୋଳଡିହ, ଅଗଳ, ବାଳକାଟି |
| ୮୮ | କଣ୍ଟିପୁର – ୯୪୩୯୭୦୩୨୯୭ | : | ମେଣ୍ଟପୁର, ନିଆଳ, ବାଳକାଟି, ଅରେଇକଣା |
| ୮୯ | ଦେସାହି – ୯୯୩୮୪୧୫୭୦୨ | : | ଦେସାହି, ଏରଡାଙ୍ଗ, କେତୁଆପାଳ, ପାଳିମି |
| ୯୦ | ଗୋବିନ୍ଦପୁର – ୮୦୧୮୮୬୩୭୩୩ | : | ଗୋବିନ୍ଦପୁର, କୁଆଁଣିଆ, ପେତପଡା, ଏରଡାଙ୍ଗ, କେତୁଆପାଳ |
| ୯୧ | ଡିମିରିପାଳ – ୭୦୦୮୭୯୩୬୭୬ | : | ଡିମିରିପାଳ, ଅରଗଳ, ଭୁଇଁପୁର |
| | **୮. ରାଜକନିକା ବ୍ଲକ୍** | | |
| ୯୨ | ବରାଡିଆ – ୬୩୭୦୧୯୬୧୬୨ | : | ବରାଡିଆ, ଜୟନଗର |
| ୯୩ | କଣ୍ଟପଡା – ୯୪୩୭୭୮୪୫୭୩ | : | କଣ୍ଟପଡା, ବାଘବୁଦା, ଜାଗୁଳାଇପଡା |
| ୯୪ | ସିକୋ – ୯୬୬୮୮୨୫୩୭୮ | : | ସିକୋ, କୋରନ୍ଦ |
| ୯୫ | ଚରପଡା –୮୨୯୯୮୧୫୦୦୩ | : | ଚରପଡା, ନନ୍ତାର, ଦେଉଳିତରା, ପଦନିପାଳ |
| ୯୬ | ସିଙ୍ଗିଡି – ୯୯୩୮୨୬୫୭୩୫ | : | କାଟଣାବଣିଆ, କୋଇଲିପୁର |
| ୯୭ | କାଟଣାବଣିଆ – ୯୪୩୯୬୫୦୦୫୬ | : | କାଟଣାବଣିଆ, ଜୟନଗର, କୋଇଲିପୁର |
| ୯୮ | ସିହୋପଡା – ୯୩୪୮୭୬୭୮୯୮ | : | ସିହୋପଡା, ଦେଉଳପଡା, ପ୍ରଧାନପଡା, ବରାହମଣ୍ଡା, ପାରିନୂଆପଡା |
| ୯୯ | ହାଟସାହି – ୭୮୯୪୩୨୪୬୮୭ | : | ହାଟସାହି, ଅବଦୁଲପୁର, ପ୍ରଧାନପଡା, ପଣସଗଣ୍ଡ |
| ୧୦୦ | ବଡାଘର – ୯୪୩୭୪୧୨୫୮୨ | : | ବାଘବୁଦା, କଣ୍ଟପଡା |
| ୧୦୧ | ଲହୁଣି – ୯୭୭୬୯୪୪୯୨୫ | : | ଲହୁଣି, ଜାଗୁଳାଇପଡା, ବରାହିଦୋମୁଣ୍ଡା, ପେଗରପଡା |
| ୧୦୨ | ଭାରିଗଦା – ୭୬୦୮୮୩୩୭୫୮ | : | ଭାରିଗଦା, ବରୁଣାଡିହା |
| ୧୦୩ | ବରୁଣା – ୮୮୪୭୮୬୬୮୦୬ | : | ବରୁଣା, ପାରିନୂଆପଡା, ବଳରାମପୁର, ଓଳାଭର, ହାବଳଗଣ୍ଡ, ପେଗରପଡା |
| ୧୦୪ | ତ୍ରୈଲୋକ୍ୟପୁର – ୭୨୦୫୫୧୭୮୩୫ | : | ତ୍ରୈଲୋକ୍ୟପୁର, ଆକୁଳିପଡା, କୋଇଲିପୁର, ବରାଡିଆ, ଜୟନଗର |
| ୧୦୫ | କୋରଣ୍ଡ – ୮୮୪୭୮୬୯୯୯୨ | : | କୋରଣ୍ଡ, ତ୍ରୈଲୋକ୍ୟପୁର, ଆକୁଳିପଡା |
| ୧୦୬ | ଦେଉଳି – ୯୦୯୦୮୫୧୪୮୯ | : | ବରାଡିଆ, କଣ୍ଟପଡା, ଆକୁଳିପଡା |
| ୧୦୭ | ତରାସ – ୯୩୪୮୧୮୩୦୩୯ | : | ତରାସ, ଆକୁଳିପଡା, ବରାଡିଆ |
| | **୯. ଗରଦପୁର ବ୍ଲକ୍** | | |
| ୧୦୮ | ଗରଦପୁର – ୭୨୦୫୬୦୬୦୭୦ | : | ଗରଦପୁର, କଳାବୁଦା, ପାଟକୁରା |
| ୧୦୯ | ବଡବେତରା – ୯୧୭୮୨୦୯୩୪୨ | : | ବଡବେତରା, ମଧୁଶାସନ, ଭଗବାନପୁର |
| ୧୧୦ | ପାଖଡ– ୯୯୩୮୦୮୬୬୩୫ | : | ପାଖଡ, ପାଟକୁରା |
| ୧୧୧ | ତେଣ୍ଡାକୁଡା – ୯୪୩୯୦୮୧୫୫୦ | : | ତେଣ୍ଡାକୁଡା, ପଳସୁଧା, ବନ୍ତଳା |
| ୧୧୨ | ବଙ୍ଗାଳପୁର – ୮୭୬୩୫୨୮୧୯୩ | : | ବଙ୍ଗାଳପୁର, ଭଗବାନପୁର |
| ୧୧୩ | ବେତାରି – ୭୦୦୮୯୪୬୫୪୬ | : | ବେତାରି, ପଦ୍ମପୁର |
| ୧୧୪ | ତଳକୁସୁମା – ୯୪୩୮୩୬୭୫୮୬ | : | ତଳକୁସୁମା, ବନ୍ତଳା, କଳାବୁଦା |
| ୧୧୫ | ନଡିଆବରେଇ – ୯୪୩୮୧୪୧୭୦୦ | : | ନଡିଆବରେଇ, ରାମଚନ୍ଦ୍ରପୁର, ଟିକନପୁର |
| ୧୧୬ | ସାନଅଡ଼ଙ୍ଗା – ୯୯୩୮୫୩୨୭୭୨ | : | ସାନଅଡ଼ଙ୍ଗା, ଟିକନପୁର, ଭଗବାନପୁର, ମଧୁଶାସନ |

ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ା

ସୌଜନ୍ୟ : ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଡିସେମ୍ବର ୨୬/୨୦୧୯ Rayagada, Thursday, December 26/ 2019


## ସଂକ୍ଷେପରେ

### ଚିତ୍ରକୋଣ୍ଡାରେ ମାଟ୍ରିକ ପରୀକ୍ଷା କେନ୍ଦ୍ର କରିବାକୁ ଦାବି

**ଚିତ୍ରକୋଣ୍ଡା,୨୫।୧୨(ଡି.ଏନ.ଏ.)-** ଫେବୃୟାରୀ ୧୯ରୁ ମାର୍ଚ୍ଚ ୨ ଯାଏ ମାଟ୍ରିକ ପରୀକ୍ଷା ହେବାକୁ ମଙ୍ଗଳବାର ଘୋଷଣା କରାଯାଇଛି। ଏହାପରଠାରୁ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳ ବିଦ୍ୟାଳୟର ପରୀକ୍ଷାକେନ୍ଦ୍ର କେଉଁଠି ହେବ ସେନେଇ ଛାତ୍ରୀଛାତ୍ରଙ୍କ ଉତ୍ସୁକତା ପ୍ରକାଶ ପାଇଛି। ପ୍ରତିବର୍ଷ ଏହି ପରୀକ୍ଷା ସମୟରେ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ର ଚିତ୍ରକୋଣ୍ଡା ଆସି ଭଡ଼ାଘର ନେଇ ନିଜେ ରୋଷେଇକରି ଖାଇ ପରୀକ୍ଷା ଦେଇଥାନ୍ତି। ଯେଉଁମାନେ ଭଡା ଗାଡି କରି ପରୀକ୍ଷାକେନ୍ଦ୍ର ଚିତ୍ରକୋଣ୍ଡା ଯିବାକୁ ବାହାରନ୍ତି ସେମାନଙ୍କୁ ସକାଳ ୭ଟାରୁ ବାହାରିବାକୁ ପଡେ। ପରୀକ୍ଷା କିପରି ଭଲ କରିବେ ସେନେଇ ଛାତ୍ରୀଛାତ୍ରଙ୍କ ଯେତିକି ଚିନ୍ତା ନ ଥାଏ, କୋଉଠି ରହିବୁ, କ'ଣ ଖାଇବୁ, କେଉଁଥିରେ ଯିବୁ ଏବଂ କେତେବେଳେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବୁ ଏଭଳି ଅନେକ ଚିନ୍ତା ଥାଏ। ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତରେ ଥିବା ଉଚ୍ଚ ବିଦ୍ୟାଳୟଗୁଡ଼ିକର ମାଟ୍ରିକ ଛାତ୍ରୀଛାତ୍ରଙ୍କ ମାଟ୍ରିକ ପରୀକ୍ଷା କେନ୍ଦ୍ର ବାଲିମେଳା, ଗୁମା, ଖଇରପୁଟ ଓ କୋରୁକୋଣ୍ଡାସ୍ଥିତ ବିଦ୍ୟାଳୟରେ ପଡେ। ଏହି ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରଙ୍କ ପରୀକ୍ଷାକେନ୍ଦ୍ର ଚିତ୍ରକୋଣ୍ଡା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ,ଏସ୍‌ଏସ୍‌ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଡାଏଟେ ବିଦ୍ୟାଳୟରେ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଅନ୍ୟତ୍ର ପରୀକ୍ଷା କେନ୍ଦ୍ର ପଡୁଥିବାରୁ ଏହି ଆଦିବାସୀ ଅଧୁଷିତ ଅଞ୍ଚଳର ଛାତ୍ରୀଛାତ୍ରମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ୩୦/୪୦ କିମି ଦୂର ଅତିକ୍ରମ କରି ପରୀକ୍ଷା ଦେବାକୁ ଯିବା ବେଳେ ସେମାନେ ଏକପ୍ରକାର ମାନସିକ ଚାପରେ ରହୁଛନ୍ତି। ବିଦ୍ୟାଳୟଠାରୁ ୧୦ କିଲୋମିଟର ମଧ୍ୟରେ ମାଟ୍ରିକ ପରୀକ୍ଷା କେନ୍ଦ୍ର କରିବା ନିୟମ ଥିବାବେଳେ ଏହାକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଡ଼ଦିନ ପାଇଁ ବିଭିନ୍ନ ଚର୍ଚ୍ଚ ଉତ୍ସବମୁଖର

**ମାଲକାନଗିରି,୨୫।୧୨ (ଡି.ଏନ୍.ଏ.)**

ବଡ଼ଦିନ ପର୍ବ ଅବସରରେ ମାଲକାନଗିରି ଜିଲାରେ ଥିବା ଖ୍ରୀଷ୍ଟ ସମ୍ପ୍ରଦାୟର ଆରାଧନା ପୀଠ ବିଭିନ୍ନ ଗୀର୍ଜା ଗୃହ ବୁଧବାର ଚଳଚଞ୍ଚଳ ହୋଇଉଠିଛି। ଗୀର୍ଜାଗୁଡ଼ିକୁ ଆଲୋକରେ ସଜାଯିବା ସହ ପ୍ରାର୍ଥନା ପାଇଁ ଗୃହରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପୂର୍ବାହ୍ଣରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ନିଜ ପରିବାର ସହ ନୂତନ ପୋଷାକ ପରିଧାନ କରି ଚର୍ଚ୍ଚ ଗୃହକୁ ଯାଇ ସମବେତ ପ୍ରାର୍ଥନା କରିଥିଲେ। ଶାନ୍ତି, ମୈତ୍ରୀର ବାର୍ତ୍ତା ଦେବା ସହ ଭ୍ରାତୃଭାବ, ସ୍ନେହ, ପ୍ରେମରେ ନିଜକୁ ନିୟୋଜିତ କରିବା ପାଇଁ ପାଳକମାନେ ପରାମର୍ଶ ଦେଇ ଯିଶୁଙ୍କ ବାଣୀ ଶୁଣାଇଥିଲେ। ରାତିରେ ବିଭିନ୍ନ ଚର୍ଚ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବଡଦିନ ଅବସରରେ ଏକ ଚର୍ଚ୍ଚରେ ଆୟୋଜିତ କାର୍ଯ୍ୟକ୍ରମ ।

# ବୃଦ୍ଧାଙ୍କ ଘର କାନ୍ଥ ଖୋଳି ୩୦ ହଜାର ଚୋରି

**ଏମ୍‌ଭି ୭୯,୨୫।୧୨(ଡି.ଏନ. ଏ.)**



ଘର କାନ୍ଥ ଖୋଳି ହୋଇଥିବା ଚୋରି ।

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଭୁବନପଲ୍ଲୀ ପଞ୍ଚାୟତର ଗୌଡ଼ଗୁଡା ଗ୍ରାମରେ ଜଣେ ବୃଦ୍ଧା ମାଡକାମୀ ଗାଙ୍ଗୀ(୬୬)ଙ୍କ ଘର କାନ୍ଥ ଖୋଳି କେହି ଦୁର୍ବୃତ୍ତ ୩୦ହଜାର ଟଙ୍କା ଚୋରି କରି ନେଇଥିବା ଜଣାପଡ଼ିଛି । ଗାଙ୍ଗୀଙ୍କ ୨ ପୁଅ ଓ ବୋହୂ ମାଙ୍ଗିପଲିରେ ରହୁଛନ୍ତି। ଏକାକୀ ଗୌଡ଼ଗୁଡାରେ ରହୁଥିବା ଗାଙ୍ଗୀଙ୍କ କମାରଗୁଡାରେ ରହୁଥିବା ଝିଅ ରାମେ ଓ ନାତି ରାଜୁ ଦେଖାଶୁଣା କରୁଥିଲେ। ଆନ୍ଧ୍ରରେ ଦାଦନ ରୂପେ କାର୍ଯ୍ୟ କରୁଥିବା ତାଙ୍କ ନାତି ମାସେ ତଳେ ଆଇ ଗାଙ୍ଗୀଙ୍କ ନିକଟକୁ ୩୦ ହଜାର ଟଙ୍କା ପଠାଇଥିଲେ। ଗାଙ୍ଗୀ ଟଙ୍କାତକ ବ୍ୟାଙ୍କରେ ନ ରଖି ନିଜ ଘରେ ଏକ ବାକ୍ସରେ ରଖିଥିଲେ। ତେବେ ୧ମାସରୁ ଉର୍ଦ୍ଧ୍ୱ ହେବ ରାତିରେ ତାଙ୍କ ଘର ଚାରିପଟେ କେହି ବୁଲୁଥିବା ଅନୁଭବ କରି ଗାଙ୍ଗୀ ମାସେ ହେଲା ରାତିରେ ନିଜ ଘରେ ନ ଶୋଇ ଭୁବନପଲ୍ଲୀରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ଶୋଇବାକୁ ଯାଉଥିଲେ। ସକାଳେ ନିଜ ଘରକୁ ଚାଲି ଆସୁଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ମଙ୍ଗଳବାର ରାତିରେ ଗାଙ୍ଗୀଙ୍କ ଘର କାନ୍ଥ ଭାଙ୍ଗି ବାକ୍ସରୁ ୩୦ ହଜାର ଟଙ୍କା ନେଇଯାଇଥିଲେ। ଏହା ଜାଣିବା ପରେ ଗାଙ୍ଗୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଟଙ୍କା ଚୋରି କରିଥିବା ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରିବା ଲାଗି ସାଧାରଣରେ ଦାବି ହେଉଛି।

# ଏକାଠି ହେଲେ ପୁରୁଣା ସ୍କୁଲ ସାଥୀ

**ଏମ୍‌ଭି ୭୯,୨୫।୧୨(ଡି.ଏନ. ଏ.)**

ରବିବାର ସ୍ଥାନୀୟ ଏମ୍‌ଭି ୭୯ ସ୍ଥିତ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଯୁକ୍ତ ୩ ମହାବିଦ୍ୟାଳୟ ପରିସରରେ ଏକାଠି ହୋଇଥିଲେ ୧୯୮୦-୯୦ ମଧ୍ୟରେ ଶାବରୀ ବିଦ୍ୟା ଭବନରେ ଅଧ୍ୟୟନ କରିଥିବା ବିଦ୍ୟାର୍ଥୀମାନ । ଜିଲା ଏବଂ ରାଜ୍ୟ ବାହାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଛାତ୍ରୀଛାତ୍ରମାନେ ଏହି ବନ୍ଧୁମିଳନରେ ଯୋଗ ଦେଇଥିଲେ। ଅମିୟ ବୈରାଗୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଏବଂ ପୁରୁଣା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତେ ନିଜ ନିଜର ପିଲାଦିନର ଅନୁଭୂତିକୁ ମନେ ପକାଇଥିଲେ। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଅଞ୍ଚଳରେ ରହୁଥିବା ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ରମାନେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବା ଲାଗି ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେମାନେ ସମସ୍ତ ପ୍ରକାର ଆୟୋଜନରେ ଲାଗି ପଡିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା।



ବନ୍ଧୁ ମିଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିବା ବ୍ୟକ୍ତିତ୍ୱ ।

# ନାବାଳିକାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଗିରଫ

**ଖଲ୍ଲିକୋଟ,୨୫।୧୨(ଡି.ଏନ.ଏ.)**

ଖଲ୍ଲିକୋଟ ଥାନା ଅଞ୍ଚଳର ଜଣେ ୭ ବର୍ଷୀୟା ନାବାଳିକାଙ୍କୁ ଗତ ୨୩ତାରିଖରେ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ମଙ୍ଗଳବାର ରାତିରେ ପୋଲିସ ଗିରଫ କରିଛି। ସେ ହେଲେ ସନ୍ତୋଷ ବେହେରା। ଖୋର୍ଦ୍ଧା ଅଞ୍ଚଳରୁ ତାଙ୍କୁ ଗିରଫ କରାଯିବା ପରେ ବୁଧବାର କୋର୍ଟ ଚାଲାଣ କରାଯାଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ନାବାଳିକାଙ୍କ ପରୀକ୍ଷା କରାଯାଇଛି। ସୂଚନାଯୋଗ୍ୟ, ନାବାଳିକା ଜଣକ ଦୋକାନକୁ ଆସିଥିବା ବେଳେ ସନ୍ତୋଷ ତାଙ୍କୁ ପ୍ରଲୋଭନ ଦେଖାଇ ନିଛାଟିଆ ସ୍ଥାନକୁ ଡ଼ାକି ନେଇ ଅସଦାଚରଣ କରିଥିଲେ। ଏ ନେଇ ବାଳିକାଙ୍କ ବାପା ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୮୭/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା।

# ବିଶ୍ୱବ୍ୟାଙ୍କ ଜିଲା ଉନ୍ନୟନ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାଲକାନଗିରି,୨୫।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ମହକୁମା ଶହୀଦ ଲକ୍ଷ୍ମଣ ନାୟକ ସୋସାଇଟି ସମ୍ମିଳନୀ କକ୍ଷରେ ବୁଧବାର ବିଶ୍ୱବ୍ୟାଙ୍କ (ନାବାର୍ଡ)ର ମାଲକାନଗିରି ଜିଲା ଉନ୍ନୟନ ଅଧିକାରୀ ସୁଭାଷ ମଙ୍ଗରାଜଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସୋସାଇଟିର ସମ୍ପାଦକ ଭାସ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଆର୍‌ଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବାଲାଜୀ ପଟ୍ଟନାୟକ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ନରସିଂହ ସାହୁ, ବ୍ୟବସାୟୀ ରାଜୁ ସୁରାନା, ଶିଳ୍ପପତି ଦେବବ୍ରତ ସାନା, ଗୋପୀକୃଷ୍ଣ ପଟ୍ଟନାୟକ, ସତ୍ୟନାରାୟଣ ପଣ୍ଡା, ପ୍ରେମେନ୍ଦ୍ର ପରିଚ୍ଛା, ବିକ୍ରମ ପାତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବକ୍ତାମାନେ ମଙ୍ଗରାଜଙ୍କ ମାଲକାନଗିରି ଜିଲାରେ ରହଣି ସମୟରେ ସେ କରିଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରି ଜିଲାର ବିକାଶରେ ତାଙ୍କର ଭୂମିକା ମନେ ରହିବ ବୋଲି ପ୍ରକାଶ କରିଥିଲେ।



ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।






# ୧୯ ବର୍ଷରୁ କମ୍ କ୍ରିକେଟ ଦଳରେ ମାଲକାନଗିରିର ବିଟୁ ସାମିଲ

**ମାଲକାନଗିରି,୨୫।୧୨ (ସ୍ୱ.ପ୍ର.)**

ମାଲକାନଗିରି ଜିଲାର ବିଟୁ ଶାହା ଓଡ଼ିଶା କ୍ରିକେଟ ଦଳରେ ସାମିଲ ହୋଇଛନ୍ତି। ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳରେ ସେ ସ୍ଥାନ ପାଇଛନ୍ତି। ତେବେ ମାଲକାନଗିରି ଜିଲାରୁ ପ୍ରଥମକରି ଜଣେ ଯୁବକ ରାଜ୍ୟସ୍ତରୀୟ କ୍ରିକେଟରେ ସ୍ଥାନ ପାଇବା ନେଇ



ଜିଲାରେ ଖୁସିର ଲହରି ଖେଳିଯାଇଛି। ଗୁରୁବାର ସମ୍ବଲପୁରଠାରେ ହେବାକୁ ଥିବା ପ୍ରଥମ ଟୁର୍ନାମେଣ୍ଟରେ ଶାହା ପ୍ରଥମ ଥର ଖେଳିବେ। ସେ ମାଲକାନଗିରି ଜିଲା ଜଗଦୀଶ ରାଓ କ୍ରିକେଟ କ୍ଲବ ପକ୍ଷରୁ ଖେଳୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ମାଲକାନଗିରି ଓସିଏ ସଙ୍ଗଠନର ସମ୍ପାଦକ ହୃଦାନନ୍ଦ ସାହୁ, କ୍ରିକେଟ ଆସୋସିଏଶନ ସଭାପତି ଏମ୍‌ଡି ଫାରୁକ୍‌ଙ୍କ ସମେତ ବହୁ କ୍ରିକେଟପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### କୁକୁଡ଼ାଗାଳିରୁ ୧୭ ବାଇକ୍ ଜବତ

**ବୋରିଗୁମ୍ମା,୨୫।୧୨(ଡି.ଏନ୍.ଏ.):** କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା କୁକୁଡ଼ା ଗାଳି ଓ ସେଠାକାର ଜୁଆଖେଳ ଉପରେ ଲଗାତାର ଚଢ଼ାଉ ଜାରି ରଖିଛି ପୋଲିସ। ବୁଧବାର ବୋରିଗୁମ୍ମା ପୋଲିସ ଲଦୀଯୋଡ଼ି ନିକଟସ୍ଥ ଜଙ୍ଗଲରେ ଚାଲିଥିବା କୁକୁଡ଼ାଗାଳିରେ ଅତର୍କିତ ଚଢ଼ାଉ କରିଛି। ସେଠାରେ କୁକୁଡ଼ା ଲଢ଼େଇ ସହ ଜୁଆ ଖେଳାଯାଉଥିଲା। ଥାନା ଆଇଆଇସି ସଞ୍ଜୟ କୁମାର ମଣ୍ଡଳଙ୍କ ନେତୃତ୍ୱରେ ପୋଲିସ ଟିମ ଚଢ଼ାଉ କରି ୪ ଜଣ ବ୍ୟକ୍ତିଙ୍କୁ ସେଠାରୁ ଗିରଫ କରିଥିଲା। ଅନ୍ୟମାନେ ସେଠାରୁ ଖସି ପଳାଇଥିଲେ। ଏହାସହ ୧୭ଟି ବାଇକ ଓ ୨୬ଟି ସାଇକେଲ ଜବତ କରାଯାଇଥିଲା। ଗିରଫ ବ୍ୟକ୍ତିମାନେ ହେଲେ ପଣ୍ଡସଗୁଡ଼ା ଗ୍ରାମର ଭଗବାନ ହରିଜନ, ମହେଶ୍ୱର ଗୌଡ଼, ପର୍ଶୁ ଜାନୀ ଓ ରଘୁନାଥ ଜାନୀ। ବୋରିଗୁମ୍ମା ଥାନାରେ କେସ୍ ନମ୍ବର ୧୮୯/୨୦୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ମଣ୍ଡଳ କହିଛନ୍ତି। ଚଢ଼ାଉରେ ଏସ୍ଆଇ ଚିନ୍ତେଶ୍ୱର ମୁଣ୍ଡା, ଶ୍ରୀକାନ୍ତ ସାହୁ, ଏଏସ୍ଆଇ ପ୍ରକାଶ ଚନ୍ଦ୍ର ମିଶ୍ର, ସଞ୍ଜୟ ମଣ୍ଡଳ ସାମିଲ ଥିଲେ।

### ବାଜପେୟୀଙ୍କ ଜନ୍ମଜୟନ୍ତୀ ପାଳିତ




**ବୋରିଗୁମ୍ମା,୨୫।୧୨(ଡି.ଏନ୍.ଏ.):** କୋରାପୁଟ ଜିଲା ବୋରିଗୁମ୍ମା ଭାଜପା ପକ୍ଷରୁ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଜନ୍ମଦିବସ ପାଳିତ ହୋଇଛି। ଏହି ଅବସରରେ ବୋରିଗୁମ୍ମା ମଣ୍ଡଳ ସଭାପତି ବିଜୟ ନାରାୟଣ ସାହୁଙ୍କ ନେତୃତ୍ୱରେ ସମସ୍ତ କର୍ମୀ ଏକତ୍ରିତ ହୋଇ ବୋରିଗୁମ୍ମା ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଫଳ ବଣ୍ଟନ କରିଥିଲେ। ବାଜପେୟୀ ନିଜ ଜୀବନ କାଳରେ ଅନେକ ଲୋକହିତକାରୀ ଯୋଜନା କାର୍ଯ୍ୟକାରୀ କରି ସମଗ୍ର ଦେଶବାସୀଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କର ଜନ୍ମଦିନକୁ ଏକ ମହତ ଉଦ୍ଦେଶ୍ୟ ନେଇ ଆଗାମୀ ଦିନରେ ଅଧିକରୁ ଅଧିକ ସମାଜ ମଙ୍ଗଳକାରୀ କାର୍ଯ୍ୟ କରିବାକୁ ଭାଜପା କର୍ମୀ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ମୋହନ ଦୋରା, ଯୁବମୋର୍ଚ୍ଚା ସଭାପତି ଶଙ୍କର ମହାନ୍ତି, ସମ୍ପାଦକ ସରୋଜ ପାଣିଗ୍ରାହୀ, ସମିତି ସଭ୍ୟ ଦାଶ ଭତ୍ରା, ସୁଦାମ ପାଣିଗ୍ରାହୀ, ବିଘ୍ନରାଜ ଷଡ଼ଙ୍ଗୀ, ରାଜ ସିଂହ, ସୁନୀଲ ଦାଶ, ଧର୍ମୁ ମେହେର, ସୋମନାଥ ହରିଜନ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଯୁବକ ମୃତ, ୨ ଗୁରୁତର

## ଟାୟାର ଜାଳି ରାସ୍ତାରୋକୋ କଲେ ଉତ୍ତ୍ୟକ୍ତ ଗ୍ରାମବାସୀ


ରାସ୍ତାରେ ମୃତଦେହ ରଖି ଟାୟାର ଜାଳି ଅବରୋଧ କରିଛନ୍ତି ଉତ୍ତ୍ୟକ୍ତ ଜନତା।

**ସେମିଳିଗୁଡ଼ା,୨୫।୧୨(ସ୍ୱ.ପ୍ର.)**

ଜୟପୁର ନଗର ଭାରତୀୟ ଜନତା କୋରାପୁଟ-ସେମିଳିଗୁଡ଼ାର ୨୬ ନମ୍ବର ଜାତୀୟ ରାଜପଥ ଗେରୁଗାଡ଼ ନିକଟରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଜୟସେନ ହନ୍ତାଳ (୨୦)। ସେ ଖୁଡି ପଞ୍ଚାୟତ ଅନ୍ତର୍ଗତ ମାଳିଖୁଡ଼ି ଗ୍ରାମର ପୂର୍ଣ୍ଣ ହନ୍ତାଳଙ୍କ ପୁଅ ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ଗୁନୁ ଭାଲୁ ଓ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ସୁନାବେଡ଼ା ମ୍ୟୁନିସିପାଲିଟି ହସ୍ପିଟାଲକୁ ଜଣେ ସହୃଦୟ ଗାଡ଼ି ଚାଳକଙ୍କ ସହଯୋଗରେ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ କାର୍ଯ୍ୟରତ ଥିବା ଡାକ୍ତର ଗୁରୁତରଙ୍କ ପ୍ରାଥମିକ ଚିକିତ୍ସା କରି କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ଏହାକୁ ନେଇ ଦୁର୍ଘଟଣା ଘଟିଥିବା ସ୍ଥାନରେ ଉତ୍ତ୍ୟକ୍ତ ଗ୍ରାମବାସୀ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରିବା ସହ କ୍ଷତିପୂରଣ ଦାବି ରଖିଥିଲେ। ଖବର ପାଇ ସେମିଳିଗୁଡ଼ା ଥାନା ଅଧିକାରୀ ଧୀରେନ କୁମାର ବେହେରା ଓ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସେମିଳିଗୁଡ଼ା ତହସିଲଦାର ଶରତ ମାଝି ମୃତକଙ୍କ ପରିବାର ପାଇଁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଥିଲେ। ୨ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଜାତୀୟ ରାଜପଥର ଦୁଇପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଛନ୍ତି। ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ରହିଥିବାରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

■ପର୍ଯ୍ୟଟନସ୍ଥଳୀରେ ଫଟୋ ଉଠାଇବା କାଳ ହେଲା

# ୨୦ ଫୁଟ ତଳକୁ ଖସିପଡ଼ି କଲେଜ ଛାତ୍ରଙ୍କ ମୃତ୍ୟୁ

**ପଟ୍ଟାଙ୍ଗି,୨୫।୧୨(ଡି.ଏନ୍.ଏ.)**

କୋରାପୁଟ ପଟ୍ଟାଙ୍ଗି ଥାନା ନୂଆଗାଁ ପଞ୍ଚାୟତ ଗାଲିଗାବଡାର ଗ୍ରାମ ନିକଟସ୍ଥ ରଥିବାଲି ପର୍ଯ୍ୟଟନ ସ୍ଥଳୀକୁ ବୁଲିବାକୁ ଆସି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ଫଟୋ ଉଠାଇବା ବେଳେ ଗୋଡ଼ ଖସି ୨୦ ଫୁଟ ତଳକୁ ପଡ଼ିବା ପରେ ଗୁରୁତର ଥିବା କଲେଜ ଛାତ୍ର ଜଣକ ଡାକ୍ତରଖାନାରେ ଆଖି ବୁଜିଛନ୍ତି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାର ଦେବଜ୍ୟୋତି ରାଉତ କୋରାପୁଟ ଡିଏଭି କଲେଜରେ ପାଠ ପଢ଼ନ୍ତି। ବୁଧବାର ତାଙ୍କ ଦୁଇ ବନ୍ଧୁ ନବଜ୍ୟୋତି ଭକ୍ତ ଓ ଗଗନ ବିଷୋଇ ଏବଂ ଅନ୍ୟ କେତେଜଣଙ୍କ ସହ ସେ ଉପରୋକ୍ତ ପର୍ଯ୍ୟଟନ ସ୍ଥଳୀକୁ ବୁଲିବାକୁ ଆସିଥିଲେ। ରଥିବାଲିର ୨୦ ଫୁଟ ତଳକୁ ପଡୁଥିବା ପାଣି ପାଖରେ ଫଟୋ ଉଠାଇବା ବେଳେ ଦେବଜ୍ୟୋତିଙ୍କ ଗୋଡ଼ ଖସିଯାଇଥିଲା। ସେହିଠାରୁ ସେ ପ୍ରାୟ ୨୦ ଫୁଟ ତଳକୁ ଖସି ପାଣି ଭିତରେ ପଡ଼ିଥିଲେ। ଅନ୍ୟ ପର୍ଯ୍ୟଟକଙ୍କ ସହଯୋଗରେ ଦୁଇ ବନ୍ଧୁ ନବଜ୍ୟୋତି ଓ ଗଗନ ପାଣିରୁ ଦେବଙ୍କୁ ଉଦ୍ଧାର କରି ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ କୋରାପୁଟ ମେଡିକାଲ ନିଆଯାଇ ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଦେବଜ୍ୟୋତିଙ୍କ ମୃତ୍ୟୁ ହୋଇଥିଲା। କଳାହାଣ୍ଡିରୁ ତାଙ୍କ ପରିବାର ବର୍ଗ ଏଠାରେ ପହଞ୍ଚିବା ପରେ ମୃତଦେହର ବ୍ୟବଚ୍ଛେଦ ହେବ।

# ଭାଜପା ପକ୍ଷରୁ ଅଟଳ ଜୟନ୍ତୀ

**ଜୟପୁର,୨୫।୧୨(ଡି.ଏନ୍.ଏ.)**

ଜୟପୁର ନଗର ଭାରତୀୟ ଜନତା ପାର୍ଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପାୟୀଙ୍କ ଜନ୍ମଦିନ ପାଳନ କରାଯାଇଛି। ଏକ ସ୍ମୃତିସଭା ମାଧ୍ୟମରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି କରାଯିବା ସହ ସ୍ଥାନୀୟ ଜିଲା ଚିକିତ୍ସାଳୟରେ ରୋଗୀ ଓ ଅନ୍ତେବାସୀଙ୍କୁ ଭାଜପା କର୍ମକର୍ତ୍ତା ଏବଂ କର୍ମୀମାନେ ପହଞ୍ଚି ଫଳ, ବିସ୍କୁଟ, ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିରେ ବରିଷ୍ଠ ସଦସ୍ୟ ସାଧୁ ଦାଶଚୌଧୁରୀ, ଅନିଲ ପଣ୍ଡା, ବୈଦ୍ୟନାଥ ମିଶ୍ର, ରାଧାବିନୋଦ ସାମନ୍ତରାୟ, ରଘୁନାଥ ପାଣିଗ୍ରାହୀ, ବିଷ୍ଣୁବର୍ଦ୍ଧନ ରେଡ୍ଡୀ, ରାଧେଶ୍ୟାମ ପରିଡ଼ା, ସଞ୍ଜୟ ବେହେରା, ରବୀନ୍ଦ୍ର ପଟ୍ଟନାୟକ, ରାଧାକାନ୍ତ ପୂଜାରୀ, ଜଗନ୍ନାଥ ତ୍ରିପାଠୀ, ବ୍ରହ୍ମାଜୀ ଆଚାରୀ, ରମେଶ ବିଶୋୟୀ, ଅମୂଲ୍ୟ ମହାନ୍ତି ଉପସ୍ଥିତ ଥିଲେ।

# ନାବାଳିକା ୬ ମାସର ଗର୍ଭବତୀ

## ଥାନାରେ ଏତଲା ପରେ ଅଭିଯୁକ୍ତ ଅଟକ

**ବୋରିଗୁମ୍ମା,୨୫।୧୨(ଡି.ଏନ୍.ଏ.)**

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ହଡ଼ପା ଗ୍ରାମରେ ଜଣେ ନାବାଳିକା ଛଅ ମାସର ଗର୍ଭବତୀ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଛି। ପୋଲିସ ସୂଚନା ଅନୁଯାୟୀ ହଡ଼ପା ଗ୍ରାମର ଜଣେ ନାବାଳିକା (୧୬)ଙ୍କୁ ଉକ୍ତ ଗ୍ରାମର ଟଙ୍କଧର ଭତରା (୨୦) ଅନିଚ୍ଛା ସତ୍ତ୍ୱେ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ବିବାହ ପ୍ରତିଶ୍ରୁତି ଦେଇ ପୁଣି ଉକ୍ତ କାର୍ଯ୍ୟରେ ଲିପ୍ତ ରହିଥିଲେ। ଘଟଣା ପ୍ରଘଟ ହେବା ପରେ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ବିବାହ କରିବା ପାଇଁ ମନା କରିଦେଇଥିଲେ। ଏ ନେଇ ନାବାଳିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ ୧୯୦/୧୯ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରାଯାଇଥିବା ଆଇଆଇସି ସଞ୍ଜୟ କୁମାର ମଣ୍ଡଳ ପ୍ରକାଶ କରିଛନ୍ତି।

### ଗଞ୍ଜେଇ ଜବତ, ଦୁଇ ଗିରଫ



**ପଟ୍ଟାଙ୍ଗି, ୨୫।୧୨ (ଡି.ଏନ୍.ଏ.)**

ପଟ୍ଟାଙ୍ଗି ଥାନା ଗଣେଶ ମନ୍ଦିର ନିକଟରେ ଏମ୍ଭିଆଇ ଚେକିଂ ବେଳେ ୨୭ କେଜି ୭୦୦ ଗ୍ରାମ ଗଞ୍ଜେଇ ଧରାପଡ଼ିଛି। ଥାନା ଅଧିକାରୀ ବିଜୟ ରାଜ ମାଝିଙ୍କ ନେତୃତ୍ୱରେ ଏସ୍ଆଇ ଗୋଲକ ପଟ୍ଟନାୟକ, ହାବିଲଦାର ପ୍ରଶାନ୍ତ ମାଝି, ଏଏସ୍ଆଇ ମଧୁସୂଦନ ନାୟକ, କନଷ୍ଟେବଲ ସିଏଚ୍ଏସ୍ ରାଓ, ଗୃହରକ୍ଷୀ ଜଗନ୍ନାଥ ନାରାଜି, ଆଲୋକ ପାଙ୍ଗି ଚେକିଂ କରୁଥିବା ବେଳେ କୋରାପୁଟରୁ ଆନ୍ଧ୍ର ଯାଉଥିବା ଆର୍ଟିକା କାର (ଓଡି୧୦ ଏଲ୍ ୫୭୨୧)କୁ ଅଟକାଇ ତଲାସିରୁ ଗଞ୍ଜେଇ ମିଳିଥିଲା। ଏଥିରେ ଡ୍ରାଇଭର ଟି. ଶିବା କୁମାର ଓ ଟୁନା ବିନ୍ଧାଣୀ ଗିରଫ ହୋଇଥିଲେ। ଶିବା ବିଶାଖାପାଟଣା ଜିଲା ରେଲୱେ କଲୋନି ଗୋଡିକୋର୍ଲାର ବାସିନ୍ଦା ଓ ସୁନାବେଡ଼ା ଥାନା ନନ୍ଦପୁର ରୋଡ ସନ୍ତୋଷୀ ମା' ମନ୍ଦିର ନିକଟରେ ସେ ରହୁଥିଲେ। ବିଡିଓ କରୁଣାକର ପ୍ରଧାନଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଶିବାଙ୍କଠାରୁ ମୋବାଇଲ ଜବତ କରାଯିବା ସହ କେସ୍ ନଂ ୧୨୨/୧୯ରେ ମାମଲା ରୁଜୁହୋଇ ତଦନ୍ତ ଚାଲିଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମାଝି ପ୍ରକାଶ କରିଛନ୍ତି।

# କୁକୁଡ଼ାଗାଳିରେ ଚଢ଼ାଉ, ୧୪ ଗିରଫ


ଗିରଫ ଜୁଆଡ଼ିମାନେ।

**ବୈପାରୀଗୁଡ଼ା,୨୫।୧୨(ଡି.ଏନ୍.ଏ.)**

ବୈପାରୀଗୁଡ଼ା ପୋଲିସ ବୁଧବାର ୨ଟି ପୃଥକ କୁକୁଡ଼ା ଗାଳି ଉପରେ ଚଢ଼ାଉ କରି ୧୪ ଜୁଆଡ଼ିଙ୍କୁ ଗରିଫ କରିବାରେ ସକ୍ଷମ ହୋଇଛି। ଉକ୍ତ ଚଢ଼ାଉ ବୈପାରୀଗୁଡ଼ା ଥାନା ଅଧୀନସ୍ଥ କୁନ୍ଦୁରା ବ୍ଲକର ମାଝିଗୁଡ଼ା ଓ ମସିଗାଁଠାରେ ହୋଇଥିଲା। ସେମାନଙ୍କଠାରୁ ୫ଟି ଗଞ୍ଜା,୧୨ଟି କାତି, ୬ ମୋବାଇଲ, ୫ଟି ବାଇକ ସମେତ ନଗଦ ୨ ହଜାର ୪ ଶହ ଟଙ୍କା ପୋଲିସ ଜବତ କରିଥିବା ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ ପ୍ରକାଶ କରିଛନ୍ତି। କେସ୍ ନଂ ୧୯୫/୨୦୧୯ ଏବଂ ୧୯୬/୨୦୧୯ରେ ମାମଲା ରୁଜୁ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଗତ ୩ ଦିନ ହେବ ବୈପାରୀଗୁଡ଼ା ପୋଲିସ ପକ୍ଷରୁ ଲଗାତର ଭାବେ କୁକୁଡ଼ା ଗାଳି ଉପରେ ଚଢ଼ାଉ ଜାରି ରହିଛି। ଏହା ପୂର୍ବରୁ ମଙ୍ଗଳବାର ଘଷର୍ଡା ଓ ସୋମବାର ଧଉଡ଼ାଗୁଡ଼ା ଗାଳିରେ ପୋଲିସ ଚଢ଼ାଉ କରି ସମୁଦାୟ ୧୨ ଜଣ ଜୁଆଡ଼ୀଙ୍କୁ ଗିରଫ କରିଥିଲା।

# କିଡ୍ନୀ ରୋଗୀଙ୍କ ପାଇଁ ତତ୍ପରତା

**'ଧରିତ୍ରୀ' ପ୍ରଭାବ**



**ଦଶମନ୍ତପୁର,୨୫।୧୨(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ କାଳିଆମ୍ବ ଗ୍ରାମର ବିଧବା ମହିଳା ଦୁଲଭା ବିଶୋଇଙ୍କ ସାନ ପୁଅ ମନୋଜ ଦୀର୍ଘ ମାସ ହେବ କିଡ୍ନୀ ରୋଗରେ ପୀଡ଼ିତ। ଅସହାୟ ଅବସ୍ଥାରେ ସେମାନେ ଥାଇ ଉଚ୍ଚତର ଚିକିତ୍ସା କରିପାରୁ ନ ଥିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ସେ କୋରାପୁଟରୁ ମାଲକାନଗିରି ସବୁଠି ଚିକିତ୍ସା କରି ନିରାଶ ହେଲେଣି। ଏହି ଖବର ପ୍ରକାଶ ପାଇବା ପରେ ସାମାଜିକ କର୍ମୀ ଦିବସ କୁମାର ସାହୁ ଓ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ସ୍ଥାନୀୟ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅବିନାଶ ବାରିକଙ୍କ ନେତୃତ୍ୱରେ ମୋବାଇଲ ହେଲଥ ୟୁନିଟ କାଳିଆମ୍ବ ଗ୍ରାମରେ ଯାଇ ପହଞ୍ଚିଥିଲା। ସେତେବେଳକୁ ମନୋଜଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇସାରିଥିଲା। ପାଖରେ ଅର୍ଥ ନ ଥିବାରୁ ବାଧହୋଇ ପରିବାର ଲୋକେ ମନୋଜଙ୍କୁ ପୁଣି କୋରାପୁଟ ମେଡିକାଲକୁ ଫେରାଇ ଆଣିଛନ୍ତି। ସେଠାକାର ଭେଷଜ ବିଭାଗ ବେଡ ନଂ ୨୦୯ରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ପାଇଁ ସରକାରୀ ସହାୟତା ବ୍ୟବସ୍ଥା କରିବେ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବାରିକ କହିଛନ୍ତି।

# ମଙ୍ଗଳ ପ୍ରାର୍ଥନାରେ ପ୍ରତିଧ୍ୱନିତ ହେଲା ଚର୍ଚ୍ଚ

**ସେମିଳିଗୁଡ଼ା/କୁନ୍ଦୁରା/କୋଲାବନଗର ୨୫।୧୨(ସ୍ୱ.ପ୍ର.)**

ସେମିଳିଗୁଡ଼ା, ସୁନାବେଡ଼ା, କୁନ୍ଦୁରା, କୋଲାବନଗର ଭଳି ବିଭିନ୍ନ ସ୍ଥାନରେ ଆନନ୍ଦ ଉତ୍ସାହର ସହ ଖ୍ରୀଷ୍ଟ ବିଶ୍ୱାସୀମାନେ ବଡ଼ଦିନ ପାଳନ କରିଛନ୍ତି। ବଡ଼ଦିନ ପୂର୍ବ ମଧ୍ୟରାତ୍ରିରୁ ବିଭିନ୍ନ ଚର୍ଚ୍ଚରେ ଗହଳି ଲାଗିରହିଥିଲା। ଖ୍ରୀଷ୍ଟପ୍ରେମୀମାନେ ପ୍ରଭୁ ଯୀଶୁଙ୍କର ଧରାବତରଣକୁ ସ୍ମରଣ କରି ଆରାଧନା କରିଥିଲେ। ଚର୍ଚ୍ଚମାନଙ୍କରେ ସେଥିପାଇଁ ବିଶେଷ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା । ଜନସାଧାରଣ ଓ ଦେଶର ମଙ୍ଗଳ ପାଇଁ ଯୀଶୁଙ୍କ ନିକଟରେ ଆଶିଷ ଭିକ୍ଷା କରାଯାଇଥିଲା। ବଡ଼ଦିନ ଉପଲକ୍ଷେ ଜାତି, ଧର୍ମ ନିର୍ବିଶେଷରେ ଜନସାଧାରଣ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ଏହା ସହିତ ଲୁଥରାନ ଖ୍ରୀଷ୍ଟବିଶ୍ୱାସୀଙ୍କ ତରଫରୁ ସେମିଳିଗୁଡ଼ାସ୍ଥିତ ରତ୍ନାକର ଖରାଙ୍କ ବାସଭବନରେ ରେଭ ଏମ୍.ଜି. ବସନ୍ତୀ ଓ ସହଯୋଗୀ ବିକାଶ ଚନ୍ଦ୍ର ଖରାଙ୍କ ତତ୍ତ୍ୱାବଧାନରେ ବିଶେଷ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସେହିପରି କୋଲାବନଗର ଥାନା କଲୋନୀ ଜୟଲୁ ମଣ୍ଡଳୀ ଚର୍ଚ୍ଚ ରଙ୍ଗିନ ତୋରଣ ତଥା ଆଲୋକମାଳାରେ ଝଲସିଥିଲା। ସକାଳେ ସମୂହ ନଗରଭ୍ରମଣ କରିବା ପରେ ନବବସ୍ତ୍ର ପରିଧାନ କରି ଖ୍ରୀଷ୍ଟ ଧର୍ମାବଲମ୍ବୀ ଚର୍ଚ୍ଚରେ ଉପସ୍ଥିତ ହୋଇଥିଲେ। ଗୁରୁ କାର୍ଯ୍ୟକାରୀ ଆସିରିତ ମୁନା ପ୍ରଭୁଙ୍କ ପ୍ରାର୍ଥନା କରିଥିଲେ। କାର୍ଯ୍ୟକୁ ପରିଚାଳନା କରିଥିଲେ ଚର୍ଚ୍ଚର ସଭାପତି ଦିଲ୍ଲୀପ ବାଘ ଓ ସହଯୋଗ କରିଥିଲେ ଆଲୁଅ ଖୋସଲା, ସାମୁଏଲ ଭତରା, ସୁନୀଲ ବାଘ। ସେହିପରି ବଡ଼ଦିନରେ କୁନ୍ଦୁରା ବ୍ଲକରେ ଥିବା ସମସ୍ତ ଚର୍ଚ୍ଚ ବୁଲିଥିଲେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ। ନିର୍ବାଚନମଣ୍ଡଳୀ ସଦରରୁ କୁନ୍ଦୁରା ଆସି ଦଳୀୟ କର୍ମୀଙ୍କ ସହ ପ୍ରଥମେ ଡଙ୍ଗରପାଉଁଶି ପଞ୍ଚାୟତସ୍ଥିତ ବେଡ଼ାପାଉଁଶି ଚର୍ଚ୍ଚକୁ ଯାଇ ଖ୍ରୀଷ୍ଟ ପ୍ରାର୍ଥନା ସଭାରେ ସାମିଲ ହୋଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି ବାଗଦେରୀ, ଗୁଣ୍ଡାଳ ପଞ୍ଚାୟତର ପାଣ୍ଡିକିମାରି, ଫୁପୁଗାଁ ଓ ଡାଙ୍ଗରାପାଲି ଅଞ୍ଚଳର ଚର୍ଚ୍ଚଗୁଡ଼ିକ ବୁଲିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନକଲତା ପେଣ୍ଟିଆ, ବିକ୍ରମ ବେହେରା, ଟୁନା ନାୟକ, ବୃନ୍ଦାବନ ମଲ୍ଲିକ, ରମାକାନ୍ତ ମିଶ୍ର, ତ୍ରିନାଥ ହରିଜନ ଉପସ୍ଥିତ ଥିଲେ।

# ପ୍ରାର୍ଥନା, ଉତ୍ସବରେ କଟିଲା ବଡ଼ଦିନ

**ଜୟପୁର/ବୈପାରୀଗୁଡ଼ା ୨୫।୧୨ (ନି.ପ୍ର./ଡି.ଏନ୍.ଏ.)**

କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳର ଚର୍ଚ୍ଚରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିବସ ପାଳିତ ହୋଇଛି। ଏହି ଅବସରରେ ଚର୍ଚ୍ଚଗୁଡ଼ିକ ରଙ୍ଗିନ ଆଲୋକମାଳା, ବିଭିନ୍ନ କାଗଜରେ ନିର୍ମିତ ରଙ୍ଗିନ ଫୁଲ, କ୍ରିସ୍ମାସ ଟ୍ରିରେ ସଜ୍ଜିତ ହୋଇଥିଲା ଚର୍ଚ୍ଚ। ଜୟପୁରସ୍ଥିତ ଜେଇଏଲସି ଚର୍ଚ୍ଚରେ ଖ୍ରୀଷ୍ଟିଆନ ସଂପ୍ରଦାୟର ମହିଳା, ପୁରୁଷ ନୂତନ ବସ୍ତ୍ର ପିନ୍ଧି ପ୍ରାର୍ଥନା ଓ ବାଇବେଲ ପାଠ କରିଥିଲେ। ପାଷ୍ଟର ସରୋଜ ମୁନି, ହେଲିନା ଚାନ୍ଦ, ଡିନ ବିଧାନ ନାୟକ ଓ ଜେଇଏଲସିର ପୂର୍ବତନ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ତାରାପ୍ରସାଦ ବାହିନୀପତି ଗ୍ରାମାଞ୍ଚଳର ବିଭିନ୍ନ ଚର୍ଚ୍ଚଗୁଡ଼ିକୁ ଯାଇ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଚର୍ଚ୍ଚରେ ଅନୁଷ୍ଠିତ ପ୍ରାର୍ଥନାରେ ଯୋଗ ଦେଇଥିଲେ । ସ୍ଥାନୀୟ ହାଟପଦା, ହାନ୍ତାଗୁଡ଼ା, କୁମୁଲିପୁଟ, ବୋରିଗୁମ୍ମା ଓ ଅନ୍ୟ ଗ୍ରାମାଞ୍ଚଳର ଗୀର୍ଜାଘରେ ଧୁମ୍‌ଧାମରେ ବଡ଼ଦିନ ପାଳନ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଜେଇଏଲସି ଖେଳ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ସେହିପରି ବୈପାରୀଗୁଡ଼ାସ୍ଥିତ ୨ଟି ଚର୍ଚ୍ଚ ରଙ୍ଗ ବେରଙ୍ଗ ବେଲୁନ୍, ଆକର୍ଷଣୀୟ ତୋରଣରେ ସଜ୍ଜିତ ହୋଇଥିଲା। ସମବେତ ପ୍ରାର୍ଥନା ସାଙ୍ଗକୁ ଯୀଶୁଙ୍କ ଧରାବତରଣକୁ ସମସ୍ତେ ସ୍ମରଣ କରିବା ସହ ବାଇବେଲ୍ ପାଠ କରିଥିଲେ। ଶିଶୁ ଓ ଯୁବଗୋଷ୍ଠୀଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।



ଜୟପୁରସ୍ଥିତ ଜେଇଏଲ୍ ଚର୍ଚ୍ଚରେ ସମବେତ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ପକ୍ଷରୁ ବଡ଼ଦିନରେ ପ୍ରାର୍ଥନା।


କୋଲାବନଗର ଥାନା କଲୋନୀ ଜୟଲୁ ମଣ୍ଡଳୀ ଚର୍ଚ୍ଚ।


କୁନ୍ଦୁରା ବ୍ଲକ ବେଡ଼ାପାଉଁଶି ଚର୍ଚ୍ଚର ପ୍ରାର୍ଥନା ସଭାରେ ମନ୍ତ୍ରୀ ପଦ୍ମିନୀ ଦିଆନ।

